# ମାର୍କଣ୍ଡେୟ ଖଡ଼ୀରତ୍ନଙ୍କ ଫଟୋଚିତ୍ର ଉନ୍ମୋଚିତ

ଭଦ୍ରକ,୧୩।୪(ସମିସ)



**ସେ ଥିଲେ ବିରଜା ପଞ୍ଜିକାର ପ୍ରଣେତା**

ଭଦ୍ରକ ସହର ସ୍ଥିତ ବୃନ୍ଦାବନ କଳାକେନ୍ଦ୍ର ପରିସରରେ ପୂର୍ବବର୍ଷ ଭଳି ଏବର୍ଷ ମଧ୍ୟ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳିତ ହୋଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଇତିହାସ ବିଭାଗର ପ୍ରାଧ୍ୟାପକ ହେମନ୍ତ କୁମାର ନାୟକ ଏବଂ ଅନ୍ୟତମ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଅର୍ଥନୀତି ବିଶାରଦ ଡ. ଅଜୟ କୁମାର ପାଢ଼ୀ ଯୋଗ ଦେଇଥିଲେ। ଭଦ୍ରକ ମାଟିର ଯୋଗ୍ୟ ବରପୁତ୍ରଙ୍କୁ ସମ୍ମାନ ଓ ଶ୍ରଦ୍ଧାର ପରମ୍ପରା ବଜାୟ ରଖିବାକୁ ଯାଇ କଳାକେନ୍ଦ୍ର ତରଫରୁ ଏହିବର୍ଷ ବିରଜା ପଞ୍ଜିକାର ଅନ୍ୟତମ ପ୍ରଣେତା ମାର୍କଣ୍ଡେୟ ଖଡ଼ୀରତ୍ନ ଜ୍ୟୋତିଷ ବିଶାରଦଙ୍କର ଫଟୋଚିତ୍ର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇ କଳାକେନ୍ଦ୍ର ସଭାଗୃହରେ ସ୍ଥାନିତ କରାଯାଇଥିଲା। ଉକ୍ତ ଉତ୍ସବରେ ଅତିଥିମାନେ ଏକାଗ୍ରତା ଓ ଶୃଙ୍ଖଳିତ ଛାତ୍ର ଜୀବନ ପାଇଁ କଳା ଓ ସଙ୍ଗୀତର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି ବୋଲି ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ନିଜର ନିୟମିତ ପାଠପଢ଼ା ସହିତ କଳା ଓ ସଙ୍ଗୀତ ପାଇଁ କିଛି ସମୟ ବିନିଯୋଗ କରିଲେ ନିଜକୁ ଦାୟିତ୍ୱ ସମ୍ପର୍ଣ୍ଣ କରି ଗଢ଼ି ତୋଳିବାରେ ସମର୍ଥ ହୋଇପାରିବେ। ସଙ୍ଗୀତ ଗୁରୁ ଡ. କେଶବ ଚନ୍ଦ୍ର ଯେନା, ଯୁବ ସମାଜସେବୀ ନିରଞ୍ଜନ ସାମଲ, ଅଧ୍ୟାପକ ନିରାକର ନାୟକ, ଅଧ୍ୟାପକ ଶଙ୍କର୍ଷଣ ଦାଶ ଓ କର୍ମନିଯୁକ୍ତି ପ୍ରଶିକ୍ଷକ ଦୀପକ କୁମାର ଦାସ ପ୍ରମୁଖ କଳାକେନ୍ଦ୍ରର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଉପରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ। କଳାକେନ୍ଦ୍ରର ନିର୍ଦ୍ଦେଶକ ସୌରେଶ ଚନ୍ଦ୍ର ମହାନ୍ତିଙ୍କ ସଞ୍ଚାଳିତ ଉକ୍ତ କାର୍ଯ୍ୟକ୍ରମରେ ସଙ୍ଗୀତ ଗୁରୁ ସୁରେନ୍ଦ୍ର ଗାହାଣଙ୍କ ନିର୍ଦ୍ଦେଶନା ଏବଂ ତବଲା ବାଦକ କଟ ପଣ୍ଡା ଓ ମଦନ ମୋହନ ବେହେରାଙ୍କ ସହଯୋଗିତାରେ ଛାତ୍ରୀ କସ୍ତୁରୀ ପଣ୍ଡା, ବିଦିଶା ମହାନ୍ତି, ପ୍ରିୟଦର୍ଶିନୀ ନାୟକ, ବସୁନ୍ଧରା କରଣ, ରାଉଓ୍ୱା ଅଖତର, ସୁବୋହି ତଲତ, ସିମ୍ପାରାଣୀ ମଲ୍ଲିକ ଓ ନିହାରିକା ସାହୁ ତଥା ଛାତ୍ର ରୁଦ୍ରାକ୍ଷ ମହାନ୍ତି, ଆରଣ୍ୟକ ସାହୁ, ସିଦ୍ଧିରାଜ ସିଂହ ପ୍ରମୁଖ ଭଜନ ଓ ଲଘୁ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। କଳାକେନ୍ଦ୍ରର ଚାରୁକଳା ପ୍ରଶିକ୍ଷକ ବିଭୂତି ଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶଙ୍କର୍ଷଣ ମହାନ୍ତି, ସନ୍ତୋଷ କୁମାର ବେହେରା, ଶୁଭମ୍ ସାମନ୍ତ, ସୌରଭ ମାଝୀ ଓ ସ୍ୱୟମ୍ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗିତା କରିଥିଲେ। ଭଦ୍ରକର ବହୁ କଳାପ୍ରେମୀ ଅଭିଭାବକ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ମା' ସୁନାମୁହିଁଙ୍କ ଚଡ଼କ ଯାତ୍ରା



**ବାରିକପୁର,୧୩।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନେରଡା ବୈତରଣୀ କୂଳରେ ଅବସ୍ଥିତ ମା' ସୁନାମୁହିଁଙ୍କ ବାର୍ଷିକ ଚଡ଼କ ଯାତ୍ରା ଉତ୍ସବ ଆଜି ଠାରୁ ଆରମ୍ଭ ହୋଇଛି। ଗତ ଶୁକ୍ରବାର ମଧ୍ୟ ରାତ୍ରିରୁ ପୀଠରେ ନିଶାର୍ଦ୍ଧ ପୂଜା ଅନୁଷ୍ଠିତ ହୋଇଥିଲା। ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତି ଠାରୁ କଳସ ଶୋଭାଯାତ୍ରା ଓ ଘଟ ଉତୋଳନ ପରେ ବାର୍ଷିକ ପୂଜା ବିଧି ଆରମ୍ଭ ହୋଇଥିବା ଜଣାପଡିଛି। ପୀଠର ନୀୟମିତ ପୂଜକ ସରୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସାଥି ପୂଜକ ବ୍ରଜ କିଶୋର ପଣ୍ଡା, ଦାଶରଥି ପଣ୍ଡା, ରବିନାରାୟଣ ମିଶ୍ର ପ୍ରମୁଖ ବୈଦିକ ରୀତି ନୀତି ଅନୁସାରେ ମାଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ଚଣ୍ଡିପାଠ ଓ ହୋମଯଜ୍ଞ ଦ୍ୱାରା ସୁନାମୁହିଁଙ୍କୁ ଆରାଧନା କରାଯାଇଛି। ପୀଠରେ ୭ଦିନ ଧରି ଦୋକାନ ବଜାର ସହିତ ମେଳା ଲାଗିଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଜଣାଯାଇଛି। ଉତ୍ସବ ପ୍ରଥମ ଦିନରେ ନେରଡା ସମେତ ଯଶୋଟିକିରି, ଆଖୁଆପଦା, ଡାହାଲା, ପୁରିପଡା, ବନସ୍ତା, ଝୁଟଣା, ମିଟୁଆଣୀ, ତେସିଙ୍ଗା, ବାବଲପୁର, ଜଗନ୍ନାଥ ପ୍ରସାଦ, ବାଲିପୋଖରୀ ପ୍ରମୁଖ ଗ୍ରାମର ଶହଶହ ମାନସିକ ଧାରି ତଥା ଜନସାଧାରଣ ମାନେ ମା' ସୁନାମୁହିଁଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଛନ୍ତି।

## ଲାୟନ୍ସ କ୍ଲବ୍ ପକ୍ଷରୁ ଜଳଛତ୍ର



**ଭଦ୍ରକ,୧୩।୪(ସମିସ):** ଭଦ୍ରକର ଅଗ୍ରଣୀ ସେବା ସଂଗଠନ ଭାବେ ପରିଚିତ ଲାୟନ୍ସ କ୍ଲବ୍ ପକ୍ଷରୁ ଏକ ଜଳଛତ୍ର ଶିବିର ଆଜିଠାରୁ ଆରମ୍ଭ ହୋଇଛି। ଦୀର୍ଘ ୪୫ଦିନ ଧରି ଏହି ଜଳ ଛତ୍ର ଚାଲୁ ରହିବ ବୋଲି ଲାୟନ୍ସ କ୍ଲବର ସଭାପତି ଅଶୋକ ମହାନ୍ତି କହିଛନ୍ତି। ତେବେ ଆଜି ଏହି ଜଳ ଚତ୍ରକୁ ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲମକ୍କୀ ହବିବ ଉଦଘାଟନ କରିଥିଲେ। ପ୍ରତ୍ୟେକ ବର୍ଷ ଲାୟନ୍ସ କ୍ଲବ ଓଡ଼ିଆ ନୂଆ ବର୍ଷ ତଥା ବିଷୁବ ସଂକ୍ରାନ୍ତି ଦିନ ଏହି ଜଳ ଛତ୍ର ଆରମ୍ଭ କରିଥାଏ। ସକାଳ ୧୦ଘଟିକା ଠାରୁ ଆରମ୍ଭ ହୋଇ ୨ଘଟିକା ଯାଏ ଖୋଲା ରହିବ ଏହି ଜଳ ଛତ୍ର। ପ୍ରତ୍ୟେକ ଦିନ ପଥ ଚାରି ମାନଙ୍କୁ ଦହି ପାଣି, ପୁଦିନା ପାଣି, ଲେମ୍ବୁ ପାଣି, ଜଳଜିରା ପାଣି ଏଠାରେ ଯୋଗାଇ ଦିଆଯିବ। ତେବେ ଆଜିର ଏହି ଉଦ୍‌ଘାଟନରେ କ୍ଲବ୍ ପକ୍ଷରୁ ପିଡ଼ିଯି ପ୍ରକାଶ ଜେନା, ନିରଞ୍ଜନ ଲାଲ ଗୁପ୍ତା, ସୁଭ୍ରାକାଶ ନାୟକ, ଶରତ ମହାନ୍ତି, ପ୍ରିତିରଞ୍ଜନ ଦାସ, ବୀରେନ ମହାପାତ୍ର, ହରିହର ବେହେରା, ସୁରେଶ ମହାନ୍ତି, ହରମୋହନ ପଣ୍ଡା, ଭାରତ ବିଶ୍ୱାଳ, ବିପ୍ଳବୀ ନାୟକ, ପ୍ରଣତି ଜେନା, ଲକ୍ଷ୍ମୀଧର ବେହେରା, ନବୀନ ଗୁପ୍ତା, ପୂର୍ଣ୍ଣଚନ୍ଦ୍ର ସେନ୍ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରତିମୂର୍ତ୍ତି ଉନ୍ମୋଚନ

**ଧାମନଗର,୧୩।୪(ସମିସ):** ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ଇଛଦା ଗ୍ରାମର ଶତାୟୁ ମହିଳା ସାବିତ୍ରୀ ଦାଶଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ତାଙ୍କ ବାସଭବନ ପରିସରରେ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏଥିରେ ଆସାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଷ୍ଣୁ ଚରଣ ଦାଶ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ସୁଧାକର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଧାମନଗର ପ୍ରେସ୍ କ୍ଲବର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି ଯୋଗଦେଇ ସ୍ୱର୍ଗତା ଦାଶଙ୍କ ସୁଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ବିଶିଷ୍ଟ ସମାଜସେବୀ ରଘୁନାଥ ପତି, ସ୍ୱର୍ଗତା ଦାଶଙ୍କ ଜ୍ୱାଇଁ ମୁରଲୀଧର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। କେନ୍ଦ୍ର ସରକାର ସ୍ୱୀକୃତିପ୍ରାପ୍ତ ବରିଷ୍ଠ କଳାକାର ତଥା ସକୀର୍ତ୍ତନ ଆଚାର୍ଯ୍ୟ ଶରତ ଚନ୍ଦ୍ର ଦାଶ ଅତିଥି ମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ସ୍ୱର୍ଗତା ଦାଶଙ୍କ କନିଷ୍ଠ ପୁତ୍ର ଦାମୋଦର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁରଲୀଧର ଦାଶ, ବସନ୍ତ ଦାଶ, ଜୟନ୍ତ ଦାଶ, ରାଜକିଶୋର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ସ୍ମୃତି ସଭାରେ ଦାଶ ପରିବାରର ସମସ୍ତ ସଦସ୍ୟ, ଜ୍ଞାତି ଓ ଆତ୍ମୀୟସ୍ୱଜନ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ଜ୍ୟେଷ୍ଠ ନାତି ସରୋଜ କୁମାର ଦାଶ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଏକାଦଶାହ ସ୍ମୃତିଚାରଣ ସଭା

**ବାରିକପୁର,୧୩।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ଶାସନ ଠାରେ ଧର୍ମ ପରାୟଣା ଅଣ୍ଡପୂର୍ଣ୍ଣା ବାରିକଙ୍କ ଏକାଦଶାହ ସ୍ମୃତି ଚାରଣ ସଭା ଶିକ୍ଷାବିତ ପୁରୁଷୋତମ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ସତ୍ୟବ୍ରତ ପାଲ, ନାଟ୍ୟକାର ଅରୁଣ ବାରିକ, ସମାଜ ସେବୀ ସୁରେନ୍ଦ୍ର ପାଲ, ରମାକାନ୍ତ ଜେନା, ଘନଶ୍ୟାମ ସ୍ୱାଇଁ, ସୁବ୍ରତ କୁମାର ଦାସ, ବୈଷ୍ଣବ ଶତପଥି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବାରିକଙ୍କ ସ୍ମୃତି ଚାରଣ କରିଥିବାବେଳେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏଥିରେ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ବୋହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଧର୍ମପରାୟଣାଙ୍କ ପୁତ୍ର ତଥା ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ପାଣିଙ୍କୁ ପାଇ ଉତ୍କଳ ଜନନୀ ଗର୍ବିତ

**ଭଦ୍ରକ,୧୩।୪(ସମିସ):** ଜଗନ୍ନାଥ ପାଣିଙ୍କ ପରି ସୁପୁତ୍ରଙ୍କୁ ପାଇ ଉତ୍କଳ ଜନନୀ ଗର୍ବିତ ବୋଲି କବିଙ୍କ ଜନ୍ମସ୍ଥାନ ନଳାଙ୍ଗଠାରେ ୧୮୮ତମ ଜନ୍ମ ଜୟନ୍ତିରେ ଯୋଗ ଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥିଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅଧ୍ୟାପକ ନିହାର ରଂଜନ କର, ଅଧ୍ୟାପକ ମାଧବ ଜେନା, ଅଧ୍ୟକ୍ଷ ପ୍ରଦୀପ୍ କୁମାର ବେହେରା, ନାଟ୍ୟଶ୍ରୀ ନର୍ମଳ ରାଉତ, କଳାକାର କାଳିନ୍ଦୀ ମଲ୍ଲିକ୍, କଳାକାର ସୁବାସ ମଲ୍ଲିକ୍, ସରପଞ୍ଚ ରାଧାମୋହନ ଲେଙ୍କା, ବିଭୁତି ପାଣି, କବିଙ୍କ ପ୍ରପୌତ୍ର ଅଶୋକ ପାଣି, ରାମ ନାରାୟଣ ତ୍ରିପାଠୀ, ସନ୍ତୋଷ କର, ଗୌରାଙ୍ଗ ବାରିକ୍, ବିକ୍ରମ କୁଅଁର, ସନ୍ତୋଷ ଜେନା, ନିର୍ମଳ ସ୍ୱାଇଁ, ସସ୍ମିତା ମହାନ୍ତି, ପୀତାମ୍ବର ମଲ୍ଲିକ, ନିର ସ୍ୱାଇଁ, ସନ୍ତୋଷ ଭୋଇ, କରୁଣା କର ଓଝା, ସୁଜୀତ୍ କୁମାର ନାୟକ, କେଶବ ଚନ୍ଦ୍ର ପରିଡ଼ା, ଭାଗିରଥି ନାୟକ, ରାଜୀବ୍ ଜେନା, ବିଜୟ କୁମାର ସାହୁ, ସନାତନ ମଲ୍ଲିକ୍ ପ୍ରମୁଖ ବହୁ କବି, ସାହିତ୍ୟିକ ଯୋଗ ଦେଇ କବିଙ୍କ ସ୍ମୃତି ଚାରଣ କରିଥିଲେ।

## ଭରତ ବେହେରାଙ୍କୁ ଜାତୀୟ କବି ବାଞ୍ଛାନିଧି ସ୍ମାରକୀ ସମ୍ମାନ

**ଭଦ୍ରକ,୧୩।୪(ସମିସ):** ଚଳିତ ବର୍ଷ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୭ତମ ଜୟନ୍ତୀ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନରେ ଆସନ୍ତା ଏପ୍ରିଲ ୨୦ ତାରିଖରେ ପାଳନ କରାଯିବ। ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ବାଞ୍ଛାନିଧି ସ୍ମୃତି ପରିଷଦ ପକ୍ଷରୁ 'ଜାତୀୟକବି ବାଞ୍ଛାନିଧି ସ୍ମାରକୀ ସମ୍ମାନ' ପ୍ରଦାନ କରାଯିବ। ଚଳିତ ବର୍ଷ କବି ଭରତ ବେହେରାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି ବୋଲି ଅନୁଷ୍ଠାନର ସହ ସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ସାରସ୍ୱତ ସାଧକ କବି ଭରତ ବେହେରା ୧୫ ଖଣ୍ଡରୁ ଉର୍ଦ୍ଧ୍ୱ କବିତା ପୁସ୍ତକ



ରଚନା କରି ଓଡ଼ିଶା ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ତନ୍ମଧ୍ୟରୁ କୁହୁଳା ଭୁଇଁ, ମୁଦ୍ରିତ ମହକ, ପକ୍ଷ ପରାଗ, ଭରତ ବର୍ଷ, ଆବରଣ, ମୌନାବତୀ ମାଟି, ବିବାକ ବସୁଧା ପ୍ରଭୃତି ଅନ୍ୟତମ। ତାଙ୍କର କାବ୍ୟ କୃତି ପାଇଁ ବହୁ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସମ୍ମାନିତ ହୋଇଛନ୍ତି। ଉକ୍ତ ଜୟନ୍ତୀ ଉତ୍ସବରେ ଡ଼ା ଦୁର୍ଯ୍ୟୋଧନ ଦାସଙ୍କ ଦ୍ୱାରା ଲିଖିତ ପୁସ୍ତକ 'ମୁକ୍ତି ମନ୍ତ୍ର' ଉନ୍ମୋଚନ ହେବା ସହ ଭଦ୍ରକ ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବାଞ୍ଛାନିଧି ସଂଗୀତ ପରିବେଷଣ କରାଯିବ।

## କଂଗ୍ରେସର ବାଇକ୍ ରାଲି ଓ ପଥପ୍ରାନ୍ତ ସଭା

**ବନ୍ତ/ଆଗରପଡ଼ା,୧୩।୪(ସମିସ):** ବନ୍ତରେ ବ୍ଲକ କଂଗ୍ରେସର ଏକ କାର୍ଯ୍ୟାଳୟ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଯାଇଛି। ଏହି ଅବସରରରେ ଥାନା ଛକ ଠାରେ ଆୟୋଜିତ ପଥପ୍ରାନ୍ତ ସଭା ଯୁବ ସମାଜସେବୀ ଜ୍ୟୋତିରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପଟ୍ଟନାୟକଙ୍କୁ ଶକ୍ତିକ୍ଷେତ୍ର ମା' ବଉଳାଶୁଣୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ସେଠାରୁ ଏକ ବାଇକ୍ ରାଲିରେ ବନ୍ତ ବଜାର ପରିକ୍ରମା ପରେ ବନ୍ତ ଥାନା ଛକରେ ପଥପ୍ରାନ୍ତ ସଭାରେ ଯୋଗ ଦେଇଥିଲେ। ଏଥିରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଯୁବ ନେତା ଅସିତ୍ ପଟ୍ଟନାୟକ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଜିଲ୍ଲା କଂଗ୍ରେସ ସଭାପତି ଅଶୋକ ଦାସ, ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ସୁବ୍ରତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଭୋଟର ସଚେତନତା ପାଇଁ ସାଇକଲ ଶୋଭାଯାତ୍ରା

**ଭଦ୍ରକ,୧୩।୪(ସମିସ):** ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ମତଦାତାମାନଙ୍କର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ୧୮ ବର୍ଷ ବା ତହିଁରୁ ଉର୍ଦ୍ଧ୍ୱ ବୟସର ସମସ୍ତଙ୍କୁ ଭୋଟର ତାଲିକା ଭୁକ୍ତ କରାଯିବ ଏବଂ ସମସ୍ତ ଭୋଟର ଯେପରି ନିଜ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବେ ସେ ନେଇ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଇଥାଏ। ଏହି ପରିପ୍ରେକ୍ଷୀରେ ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ସାଧାରଣ ନିର୍ବାଚନ ଉପଲକ୍ଷେ ମତଦାତା ମାନଙ୍କୁ ସଚେତନ କରାଯିବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ ସ୍କୁଲର ପିଲାମାନଙ୍କୁ ନେଇ ଏକ ସାଇକେଲ ରାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ରାଲିକୁ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ଡ଼େପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ଚରଣ



ବାରିକ, ଏପିଡିଏମ୍‌ଆଇଏସ୍ ପ୍ରହ୍ଲାଦ ରଣା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସ୍ୱଳ୍ପ ସଂଚୟ ଅଧିକାରୀ ପଦ୍ମନ ରାୟ, ଡିପିଏମ୍ ସଞ୍ଜୟ କୁମାର ବାରିକ ପ୍ରମୁଖଙ୍କ ସହ ଗଣମାଧ୍ୟମ ପ୍ରତିନିଧି, ଶିକ୍ଷକ ଶିକ୍ଷୟିତ୍ରୀ, ସଂପୃକ୍ତ ବିଭାଗୀୟ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମତଦାତାଙ୍କ ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ବ୍ୟାନର, ପ୍ଲାକାଡର୍ ପ୍ରଦର୍ଶନ ପୂର୍ବକ ପିଲାମାନେ ସ୍ଲୋଗାନ ଦେଇ ଭଦ୍ରକ ସହର ମୁଖ୍ୟ ରାସ୍ତାରେ ସାଇକେଲ ରାଲିରେ ଅଂଶ ଗ୍ରହଣ କରିଥିଲେ।

**ବକେୟା ଅର୍ଥ ପ୍ରଦାନ ଦାବି**

## ଯାତ୍ରା କଳାକାର ଓ କର୍ମଚାରୀଙ୍କ ଧାରଣା

**ବନ୍ତ/ଆଗରପଡ଼ା,୧୩।୪(ସମିସ):** ବକେୟା ଅର୍ଥ ପ୍ରଦାନ ଦାବିରେ ଧଉଳି ଗଣନାଟ୍ୟର କଳାକାର ଓ କର୍ମଚାରୀମାନେ ଥାନାରେ ଅଭିଯୋଗ କରିବା ସହ। ଯାତ୍ରା ପଡ଼ିଥିବା ସ୍ଥାନରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଗତ ୮ମାସ ହେବ ଯାତ୍ରା ପାର୍ଟିର ମାଲିକ ଓ ମ୍ୟାନେଜର ବିଭିନ୍ନ ଆଳ ଦେଖାଇ କଳାକାର ଓ କର୍ମଚାରୀଙ୍କୁ ସେମାନଙ୍କ



ବକେୟା ଅର୍ଥ ପ୍ରଦାନ କରୁନଥିବା ନେଇ ସେମାନେ ବନ୍ତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପାର୍ଟି ମାଲିକ ବାଙ୍ଗିରିପୋଷି ସଡ଼କ ଦୁର୍ଘଟଣା ଆଳ ଦେଖାଇ ଗତ ବର୍ଷରୁ ଆଜି ପର୍ଯ୍ୟନ୍ତ ସେମାନଙ୍କ ପାରିଶ୍ରମିକ ପ୍ରଦାନ କରୁନଥିବା ସେମାନେ ଅଭିଯୋଗ କରିବା ସହ ବନ୍ତ ଥାନା ଅନ୍ତର୍ଗତ ଛୟାଳସିଂ ପଳସା ବଜାର ନିକଟରେ ଅପେରା ପରିବେଷଣ ହେଉଥିବା ସ୍ଥାନରେ ଧାରଣାରେ ବସିଥିବା ଜଣାପଡ଼ିଛି।

## ମହାବୀର ସେବା ସଂଗଠନ ପକ୍ଷରୁ ଭଜନ ସନ୍ଧ୍ୟା

**ଭଣ୍ଡାରିପୋଖରୀ,୧୩।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମାଳଦା ପଂଚାୟତର ଜଗନ୍ନାଥ ବଜାର ସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ପବିତ୍ର ବିଷୁବ ସଂକ୍ରାନ୍ତି ଓ ମହାବୀର ଜୟନ୍ତୀ ଉପଲକ୍ଷେ ମହାବୀର ସେବା ସଂଗଠନ ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକର ପ୍ରସିଦ୍ଧ କୁଣ୍ଡିକାଳୀ ପୀଠର ମେଲୋଡି ଗ୍ରୁପ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତଜ୍ଞ ପ୍ରହ୍ଲାଦ ନାୟକ, ଦିବ୍ୟସିଂହ ରାଉତ, ବିନୋଦ ପାଲ, ନରେନ୍ଦ୍ର ଦାସ, ଅକ୍ଷୟ ନାୟକ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ସେହିପରି ସ୍ଥାନୀୟ କଳାକାର ଧରଣୀଧର ଦାସ, ଜୟଦେବ ପରିଡା, ଭାସ୍କର ଦାସ, ପରେଶ ଦାସ, ତାପସ ପରିଡା , ଅଶୋକ ଜେନା ପ୍ରମୁଖ ସଂକୀର୍ତନ ସହ ହନୁମାନ ଚାଳିଶା ପାଠ କରିଥିଲେ। ଦିବସ ବ୍ୟାପୀ ପୂଜାପାଠରେ କର୍ତା ଭାବେ ନୃସିଂହ ଚରଣ ଖିଲାର, କନକ ଖିଲାର, ସାମ୍ବାଦିକ ରବିନାରାୟଣ ଖିଲାର, ରେଣୁବାଳା ଖିଲାର ସଂକଳ୍ପ କରିଥିବା ବେଳେ, ପୂଜକ ପଣ୍ଡିତ ନରନାରାୟଣ ମିଶ୍ର, କାଳନ୍ଦୀ ଦାଶ ପୂଜାପାଠ କରିଥିଲେ।

## ଅମୃତପୁର ପ୍ରିମିୟର ଲିଗ 'କ୍ରିକେଟ ଟୁର୍ଣ୍ଣାମେଣ୍ଟ'

**ପୀରହାଟ,୧୩।୪(ସମିସ):** ପୀରହାଟ ନିକଟସ୍ଥ ଗଦି ଅମୃତପୁର ଠାରେ ଗତ ୧୨ତାରିଖରୁ ଏପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମ୍ୟାଚଟି ଦିବାରାତ୍ରୀ ମ୍ୟାଚ ଥିଲା ଓ ଏହି ମ୍ୟାଚଟି ୮ଟି ଟିମକୁ ନେଇ ଖେଳ ଅନୁଷ୍ଠିତ ହୋଇଥିଲା। ମା'ଘଟନାୟକାଣୀ ୟୁନିକ ୧୧ ସନ୍ଦକପୁର, ଦରପୁର ଟିମ, ହର୍ସିଂପୁର ଟିମ, ନୂଆସାହି ଟିମ, ଷଣ୍ଢଗଡା ଟିମ, ବଜାରପୁର ଟିମ, ଅଲାଳ ଟିମ ଓ ଘରୋଇ ଟିମ କ୍ୱାଟର, ସେମି ଓ ଫାଇନାଲ ତିନି ରାଉଣ୍ଡରେ ଖେଳ ହେବା ପାଇଁ ସ୍ଥିର ହୋଇଥିଲା। କ୍ୱାର୍ଟର ଫାଇନାଲରେ ୧୫ ଓଭର ଲେଖାଁ, ସେମିରେ ୧୨ଓଭର ଲେଖାଁ ଏବଂ ଫାଇନାଲରେ ୧୦ ଓଭର ଲେଖାଁ ଏଁ ଖେଳିବାପାଇଁ ଏପିଏଲ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପରିଚାଳକ ଓ ସରପଞ୍ଚ ନିର୍ଦ୍ଦେଶ ଦେଇଥିଲେ। ଗ୍ରାଉଣ୍ଡ ସର୍ଟରେ ଖେଳ ହେବାପାଇଁ ଆହ୍ୱାନ କରିଥିଲେ। ଉକ୍ତ ମ୍ୟାଚରେ ମା'ଘଟନାକାଣୀ ୟୁନିକ୧୧ ସନ୍ଦକପୁର ଟିମଟି ଅତି ରୋମାଞ୍ଚକର ଖେଳ ପରିବେଷଣ କରି କ୍ୱାଟରରେ ଅମୃତପୁର ଟିମକୁ ୧୬ରନ ରେ ପରାସ୍ତ କରି ବିଜୟୀ ହୋଇଥିଲେ ଏବଂ ସେମି ପାଇଁ ଉତୀର୍ଣ୍ଣ ହୋଇଥିଲେ। ସେମିରେ ବଜାରପୁର ଟିମକୁ ୮ ୱିକେଟରେ ପରାସ୍ତ କରି ବିଜୟୀ ହୋଇଥିଲେ। ଶେଷରେ ଫାଇନାଲ ମ୍ୟାଚରେ ୧୧ୟୁନିକ, ସନ୍ଦକପୁର ଟିମ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲେ। ନିର୍ଦ୍ଧାରିତ ୧୦ ଓଭରରେ ମୂଲ୍ୟବାନ ୯ୱିକେଟ ହରାଇ ୪୯ରନ ସଂଗ୍ରହ କରିଥିଲା। ହରିସିଂପୁର ଟିମଟି ନିର୍ଧାରିତ ୮ ଓଭରରେ ତାର ମୂଲ୍ୟବାନ ସମସ୍ତ ୱିକେଟ ହରାଇ ମାତ୍ର ୩୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମା ଘଟନାକଣୀ ୟୁନିକ ୧୧ ଟିମ ଚାମ୍ପିୟାନ ହୋଇଥିଲା।



# ଇଦ୍-ମିଳନ ଓ କବିତା ପାଠୋତ୍ସବ

ଭଦ୍ରକ,୧୩।୪(ସମିସ)




ଭଦ୍ରକ ବାବା ପଲି କ୍ଲିନିକ୍ ଓ ଆଲ୍‌ଫା ପାଥୋଲୋଜି ତରଫରୁ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଇଦ୍-ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ମୁସଲିମ ଜମାତ ସଭାପତି ହାଜି ଅବଦୁଲ ବାରିଙ୍କ ପୌରହିତ୍ୟରେ ଓ ଶିକ୍ଷକ ମୁସ୍ତାକ ଗୌହରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଉର୍ଦ୍ଦୁ, ଓଡିଆ ଓ ହିନ୍ଦୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।। ଉତ୍ସବରେ ମୁଖ୍ୟବକ୍ତା ଭାବେ ଗାଳ୍ପିକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଅଧ୍ୟାପକ ଅଭୟ କୁମାର ଦାସ, ପ୍ରଫେସର ନାସିର ବକ୍ସ, ଇଂ.ଅଭୟ ସୂତାର, ଅଧ୍ୟାପକ ନିହାରରଂଜନ କର ପ୍ରମୁଖ ଯୋଗଦେଇ ଇଦ୍-ମିଳନ୍‌ର ମହାତ୍ମ୍ୟ ସମ୍ପର୍କରେ କହିବା ସହ ଭାଇଚାରା ବଜାୟ ରଖିବା ପରମ୍ପରା ଜାରି ରହୁ ବୋଲି କହିଥିଲେ। ୩ବିଭାଗର କବିତା ପାଠୋତ୍ସବରେ-ପ୍ରଫେସର ଅବନୀ ପ୍ରଧାନ, ଅଧ୍ୟାପକ କିଶୋର ପାଣିଗ୍ରାହୀ, ଅକମଲ୍ ଅଲ୍ଲି ଅକମଲ୍, ଡ.ଅନିଲ ଦାସ, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ମୋଇନ ସଫକ, ପ୍ରୀତିଲତା ପଣ୍ଡା, ରମେଶ ଦାସ, ତୌଫିକ ସାଗର, ସଯୁକ୍ତା ବଳ, ରଶ୍ମିତା ଦାସ, ମୁକ୍ତାର ନସିମ, ମନୋରମା ରାୟ, ବ୍ୟଙ୍ଗକବି ବିଜୟ, ଅବଦୁଲ ଦୟାନ ଜିଆ, ଦମୟନ୍ତୀ ରାଉତ, ବୈକୁଣ୍ଠନାଥ ଓଝା, ସାହାବାଜ କାଦ୍ରୀ ଅଂଶଗ୍ରହଣ କରି ନିଜ ନିଜର କବିତା ଆବୃତି କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ମୁଖ୍ୟ ଆୟୋଜକ ବାବା ପଲ୍ଲି କ୍ଲିନିକ ଓ ଆଲ୍‌ଫା ପାଥୋଲୋଜି ମୁଖ୍ୟ ଅବୁ ହୋସେନ ଖାନ୍(ଅବନ)ଙ୍କ ସହ ମୁସଲିମ ଜମାତର ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ୍, ରୋଭର୍ସ କ୍ଲବ ର ସମ୍ପାଦକ ହରିପ୍ରସାଦ ନନ୍ଦୀ, ସବିର ଅଲ୍ଲି ଖାନ୍, ଜମିଲ ଅଖତର ଖାନ୍, ସେର ଖାନ୍, ମତଲୁବ ଅଲ୍ଲି, ହାଜି ତବାରକ ଅଲ୍ଲି, ହାଜି କୟୁମ ସାହା, ମିର୍ଜା ଇଜାଜ ବେଗ୍, ସେଖ ଜହିରୁଦ୍ଦିନ, ମିଡିଆ ସେଲ ସଂଯୋଜକ ଶେଖ ଅନୱାର (ବାବୁ) । ଉତ୍ସବରେ ବରିଷ୍ଠ ଭେଷଜ ଚିକିତ୍ସକ ଡାକ୍ତର ରବିନ୍ଦ୍ର କୁମାର ନାୟକ, ଡାକ୍ତର ହରେକୃଷ୍ଣ ନାୟକ, ଡାକ୍ତର ମାନସୀ ନାୟକ, ଡାକ୍ତର ଫରମାନ ନବି, ଏନ୍‌ସି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁକ୍ରିତୀ କର, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର ଓ ଅତିସ କୁମାର ବେହେରାଙ୍କୁ ସମ୍ବର୍ଧିତ କରାଯାଇଥିଲା । ଉତ୍ସବରେ ସବୁ ଅତିଥି ଓ କବି ମାନଙ୍କୁ ପ୍ରାରମ୍ଭରେ ଫୁଲତୋଡା ଦିଆଯାଇ ସ୍ୱାଗତ କରାଯାଇଥିଲା । ଶେଷରେ ପୂଜାପୂଜା ସଂସଦ ର ସମ୍ପାଦକ ରୂପକ ବିହାରୀ ରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଇଦ୍ ମିଳନ ଅବସରରେ ସମସ୍ତଙ୍କୁ ଭୋଜନରେ ଆପ୍ୟାୟିତ କରାଯାଇଥିଲା।

# ଯାଜପୁର ପୌରପାଳିକାରେ ବିଜେଡିର ପ୍ରଚାର



**ଯାଜପୁର ୧୩।୪(ସମିସ):** ଯାଜପୁର ପୌରପାଳିକାରେ ପ୍ରଚାର ଆରମ୍ଭ କଲେ ବିଜେଡି ବିଧାୟିକା ପ୍ରାର୍ଥିନୀ ସୁଜାତା ସାହୁ। ସ୍ଥାନୀୟ ବିରଜା କଲ୍ୟାଣ ମଣ୍ଡପରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ବିକାଶ ଧାରାକୁ ପାଥେୟ କରି ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ପୌରପାଳିକାର ୧୮ ନମ୍ବର ୱାର୍ଡ ପକ୍ଷରୁ ଆୟୋଜିତ ସଭାରେ ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସଙ୍କ ନେତୃତ୍ୱରେ ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ସ୍ଥାନୀୟ ପାରିଷଦ ସୁରେନ୍ଦ୍ର ରଣା, ବିଜେଡି ନଗର ସଭାପତି ମନୋଜ ସାହୁ ପ୍ରମୁଖ ଯୋଗଦେଇ ବିଜେଡି ପ୍ରାର୍ଥିନୀ ସୁଜାତାଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ୧୮ ନମ୍ବର ୱାର୍ଡର ଶତାଧିକ ମହିଳା, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ୧୬ରେ ନାନପୁର ଚିତ୍ରକଳା ପ୍ରଦର୍ଶନୀ

**ବାଲିଚନ୍ଦ୍ରପୁର, ୧୩।୪(ସମିସ):** ସ୍ଥାନୀୟ ନାନପୁର ଗାଁରେ ଆସନ୍ତା ୧୬ ତାରିଖରେ ଗ୍ରାମ୍ୟ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହେବ। ନାନପୁର ଗ୍ରାମର ପ୍ରସିଦ୍ଧ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତିଙ୍କ ଜନ୍ମଦିନ ଅବସରରେ ଏହି ପ୍ରଦର୍ଶନୀ ଆୟୋଜିତ ହେବ। ଶ୍ରୀ ମହାନ୍ତି ଦୀର୍ଘବର୍ଷ ଧରି ବିଦେଶରେ ରହି ଅନେକ ଚିତ୍ର ଆଙ୍କି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ଚିତ୍ରରେ ଗାଁର ପରିବେଶ ସବୁବେଳେ ସ୍ଥାନ ପାଇଥାଏ। ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପ୍ରଦର୍ଶନୀରେ ସେସବୁ ଚିତ୍ରକଳା ପ୍ରଦର୍ଶିତ ହେବା ସହିତ ଶ୍ରୀ ମହାନ୍ତିଙ୍କ ଜନ୍ମଦିନ ପାଳନ କରାଯିବ। ଏହି ପ୍ରଦର୍ଶନୀରେ ଯୋଗ ଦେବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି।

## ଧୀରେ ଧୀରେ ବଢୁଛି ନିର୍ବାଚନୀ ଉଷ୍ମତା

# ଜମଧର ଓ ବରୁଆଁରେ ସୁଜାତାଙ୍କ ମାରାଥନ୍ ପ୍ରଚାର

**ଯାଜପୁର, ୧୩।୪ (ସମିସ)**

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ଯାଜପୁର ବିଧାନସଭା କ୍ଷେତ୍ରରେ ବିଜୁ ଜନତା ଦଳ ପ୍ରାର୍ଥିନୀ ଭାବେ ଦଶରଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ତଥା ଜିଲ୍ଲା ମିଶନଶକ୍ତିର ସଭାନେତ୍ରୀ ସୁଜାତା ସାହୁଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମନୋନୀତ କରିବାରୁ ଯାଜପୁର ବ୍ଲକ ଅନ୍ତର୍ଗତ ଜମଧର ଓ ବରୁଆଁ ପଞ୍ଚାୟତରେ ସୁଜାତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।








ଆଜି ଅପରାହ୍ନରେ କବିରପୁର ଗଜପତି ଛକରୁ ସୁଜାତାଙ୍କୁ ବିରାଟ ଶୋଭାଯାତ୍ରାରେ ପାଛୋଟି ନେଇ ଜମଧରସ୍ଥ ପଞ୍ଚାୟତ ହାଇସ୍କୁଲ ନିକଟରେ ଥିବା ଖେଳ ପଡ଼ିଆରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ପଞ୍ଚାୟତର ଲୋକେ। ଏ ଅବସରରେ ଯାଜପୁର ବ୍ଲକ ବିଜୁ ଜନତା ଦଳ ସଭାପତି ପରେଶ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି ଭବପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ନିର୍ବାଚନରେ ସୁଜାତାଙ୍କ ପ୍ରାର୍ଥିତ୍ୱକୁ ଦୃଢ଼ ସମର୍ଥନ ଜଣାଇବା ସହ ଏହି ପଞ୍ଚାୟତର ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଶଙ୍ଖ ଚିହ୍ନରେ ମୋହର ମାରି ସୁଜାତା ସାହୁଙ୍କୁ ଆଶୀର୍ବାଦ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଓ ବିଧାୟକ ବବି ଭାଇଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ପ୍ରକାଶ ତ୍ରିପାଠୀ ଯୋଗଦେଇ ମହିଳାଙ୍କୁ ସଶକ୍ତ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବାର ଯେଉଁ ସ୍ୱପ୍ନ ନେଇ ମୁଖ୍ୟମନ୍ତ୍ରୀ ଯାଜପୁର ନିର୍ବାଚନମଣ୍ଡଳୀରେ ଜଣେ ଦକ୍ଷ ମହିଳାଙ୍କୁ ପ୍ରାର୍ଥୀ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ସଭାରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ନିଜ ଅଭିଭାଷଣରେ ପ୍ରାର୍ଥିନୀ ସୁଜାତା ସମସ୍ତଙ୍କୁ ଶଙ୍ଖ ଚିହ୍ନରେ ଶତପ୍ରତିଶତ ଭୋଟ ଦେଇ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ।

ସେହିପରି ବରୁଆଁ ମେଳଣ ପଡ଼ିଆରେ ବିଜୁ ଜନତା ଦଳର ବରିଷ୍ଠ ନେତା ରସୁଲ ବକ୍ସଙ୍କ ଅଧ୍ୟକ୍ଷତାରେ ବରୁଆଁ ପଞ୍ଚାୟତର ଏକ କର୍ମୀ ସମ୍ମିଳନୀର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭବପ୍ରସାଦ ଦାସ ଯୋଗଦେଇ ଯାଜପୁରର ସମ୍ମାନ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଦ୍ୱାରା ମନୋନୀତ ପ୍ରାର୍ଥିନୀ ସୁଜାତା ସାହୁ ଓ ଲୋକସଭା ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରି ଭାରତରେ ନୂତନ ଇତିହାସ ସୃଷ୍ଟି କରିବାକୁ ଅନୁରୋଧ କରିଥିଲେ। ଯୁବନେତା ଅଜୟ କୁମାର ମହାନ୍ତି ଓ ପ୍ରକାଶ ତ୍ରିପାଠୀ ଉପସ୍ଥିତ ଥିବା ସମସ୍ତଙ୍କୁ ସୁଜାତାଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଶେଷରେ ସୁଜାତା ଉପସ୍ଥିତ ଥିବା ପଞ୍ଚାୟତର ସମସ୍ତ ମୁରବିଙ୍କୁ ଆଶୀର୍ବାଦ ଭିକ୍ଷା କରିବା ସହ ଆଗାମୀ ଦିନରେ ଯାଜପୁରର ସେବା କରିବାର ସୁଯୋଗ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ ନାୟକ, ରାଜ୍ୟ ବିଜୁ ଯୁବ ଜନତା ଦଳ ସମ୍ପାଦକ ସୌମ୍ୟରଞ୍ଜନ ଧଳ, ସ୍ଥାନୀୟ ସରପଞ୍ଚ ବାଦଲ ଖୁଣ୍ଟିଆ, ସମିତିସଭ୍ୟ ଶେଖ ମୋଜାହିଦ, ସରସ୍ୱତୀ ବଳ, ପ୍ରଦୀପ ନାୟକ, ଝରଣା ସେଠୀ, ସୁମତି ମାଝି, ପ୍ରମିଳା ରାଉତ, ଜିଲ୍ଲା ଯୁବ ବିଜୁ ଜନତା ଦଳ ସମ୍ପାଦକ ପିରୋଜ୍ ବାଦସାହା, ଅନୋ ମାଝି ଓ ବରୁଆଁ ପଞ୍ଚାୟତର ସରପଞ୍ଚ ଅନାହାର ବାନୋ, ସମିତି ସଭ୍ୟ ରଶ୍ମିରଞ୍ଜନ ମହାନ୍ତି, ଗୋଲାମ ଅଲ୍ଲୀ, ଜିଲ୍ଲା ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଅମିତ ରାଉତ, ବ୍ରହ୍ମାନନ୍ଦ ନାୟକ, ଅନୀତା ସିଂ, ନନ୍ଦକିଶୋର ସାହୁ, ପ୍ରଫୁଲ୍ଲ ବିଶ୍ୱାଳଙ୍କ ସମେତ ଶତାଧିକ ବିଜୁ ଜନତା ଦଳର କର୍ମୀ ଯୋଗ ଦେଇଥିଲେ।

# ବିଦ୍ୟାଳୟରୁ ଚାଉଳ ଚୋରି ଅଭିଯୋଗରେ ଦୁଇ ଗିରଫ

**ସୁକିନ୍ଦା/ହାତିବାରୀ, ୧୩।୪(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ କରଡ଼ାପାଳସ୍ଥ ସରକାରୀ ବିଦ୍ୟାଳୟରୁ ବିଭିନ୍ନ ଜିନିଷ ଚୋରି ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ସେପ୍ଟେମ୍ବର ମାସରେ ହାତିବାରୀ ପଞ୍ଚାୟତ ଅନ୍ତର୍ଗତ କରଡ଼ାପାଳସ୍ଥ ସରକାରୀ ବିଦ୍ୟାଳୟରୁ ଚାଉଳ ଚୋରି ହୋଇଥିବା ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକିନ୍ଦା ଥାନାରେ ଅଭିଯୋଗ କରିଥିଲେ। ସୁକିନ୍ଦା ପୁଲିସ ଅଭିଯୋଗକୁ ଭିତ୍ତି କରି ୨୧୬/୨୩ରେ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାର ତଦନ୍ତ ଜାରି ରଖିଥିଲା। ପୁଲିସ ଶନିବାର ଦିନ କରଡାପାଳ ଗ୍ରାମର ଭାଗୀରଥି ମଲ୍ଲିକ ଓ ମାନସ ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଯାତ୍ରା କଳାକାରଙ୍କ ସହ ସେଲ୍ଫି ଉଠାଇବା ଘଟଣାର ହେବ ତଦନ୍ତ

**ଯାଜପୁର, ୧୩।୪(ସମିସ):** ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ନିରାମୟ କେନ୍ଦ୍ର ମଧ୍ୟରେ ଯାତ୍ରା କମେଡିଆନ ଭିକାରୀ ସ୍ୱାଇଁ ପ୍ରବେଶ କରିବା ଓ ତାଙ୍କ ସହିତ ସ୍ୱାସ୍ଥ୍ୟ କର୍ମଚାରୀ ସେଲଫି ଉଠାଇବା ଘଟଣାର ତଦନ୍ତ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାଶିଷ ମହାରଣା ସୂଚନା ଦେଇଛନ୍ତି। ସୂଚନା ମୁତାବକ, ନିରାମୟ କେନ୍ଦ୍ରରେ ରୋଗୀ ଔଷଧ ନେବା ପାଇଁ ଧାଡିରେ ଠିଆ ହୋଇଥିବାବେଳେ ଯାତ୍ରା କମେଡିଆନ ଭିକାରୀ ସ୍ୱାଇଁଙ୍କୁ କେତେକ ସ୍ୱାସ୍ଥ୍ୟ କର୍ମଚାରୀ କେନ୍ଦ୍ର ଭିତରକୁ ନେଇ ସେଠାରେ ତାଙ୍କ ସହିତ ସେଲ୍ଫି ଉଠାଇଥିଲେ। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ଆଜି ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଏହି ତଥ୍ୟକୁ ଆଧାର କରି ଘଟଣାର ତଦନ୍ତ କରାଯିବ ଓ ଉକ୍ତ ଦିନ ଯଦି କୌଣସି ରୋଗୀଙ୍କ ସ୍ୱାସ୍ଥ୍ୟ ସେବାରେ ବାଧା ଉପୁଜିଥିବ, ତେବେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମଓ ସୂଚନା ଦେଇଛନ୍ତି।

● 'ସକାଳ' ପ୍ରଭାବ

# ସମାଜସେବୀ ସମ୍ବର୍ଦ୍ଧିତ

**ବରୀ, ୧୩।୪(ସମିସ):** ବରୀ ବ୍ଲକ ଅଧୀନସ୍ଥ ବରୀ ପଞ୍ଚାୟତର ସମାଜସେବୀ ଅରକ୍ଷିତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ବେହେରା ମାନବ ଅଧିକାର ସୁରକ୍ଷା ପାଇଁ କାର୍ଯ୍ୟ କରିବା ସହିତ ଦଳିତ, ନିଷ୍ପେସିତ ଓ ସାଧାରଣ ଲୋକଙ୍କୁ ବନ୍ୟାବାତ୍ୟା ସମୟରେ ସହାୟତା କରୁଛନ୍ତି। ଏଭଳି ସମାଜସେବା ପାଇଁ ଶୁକ୍ରବାର ଦିନ ବିଶ୍ୱ ମାନବ ଅଧିକାର ସୁରକ୍ଷା ସଂଗଠନ ପକ୍ଷରୁ ତାଙ୍କୁ ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ଏକ ବିଶେଷ ସଭାରେ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବା ସହିତ ସମ୍ମାନସୂଚକ ଡକ୍ଟରେଟ ଉପାଧିରେ ଭୂଷିତ କରାଯାଇଛି। ଶ୍ରୀ ବେହେରା ଓଡ଼ିଶା ଅର୍ଥ ସେବା ବିଭାଗର ଅତିରିକ୍ତ ସଚିବ ପାହ୍ୟାରୁ ଅବସର ନେଇଛନ୍ତି। କାର୍ଯ୍ୟକାଳ ସମୟରେ ଯାଜପୁର ଜିଲ୍ଲାରେ ଟ୍ରେଜରୀ ଅଫିସର ଭାବେ କାର୍ଯ୍ୟ କରି ନିଜର ବ୍ୟକ୍ତିତ୍ୱ ଯୋଗୁଁ ସାଧାରଣ ଲୋକଙ୍କ ପ୍ରଶଂସାର ପାତ୍ର ହୋଇପାରିଥିଲେ। ସେ ନିଜର ଅମାୟିକ ବ୍ୟବହାର ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ବରୀ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସମାଜସେବୀ ଶ୍ରୀ ବେହେରାଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି।

# ଦାନଗଦି ବ୍ଲକର ବିଭିନ୍ନ ସ୍ଥାନରେ ମହାବିଷୁବ ସଂକ୍ରାନ୍ତି ପାଳିତ



**ଦାନଗଦି, ୧୩।୪(ସମିସ):** ଦାନଗଦି ବ୍ଲକର ବିଭିନ୍ନ ସ୍ଥାନରେ ଆଜି ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷରେ ଦାନଗଦି ଅଞ୍ଚଳ ଉତ୍ସବମୁଖର ହୋଇଛି। ଏ ଅବସରରେ ଦାନଗଦି ସତ୍ୟ ମହାବୀରଙ୍କ ୧୬ତମ ଜୟନ୍ତୀ ପାଳନ ସହ ଆଜିଠାରୁ ତିନିଦିନ ବ୍ୟାପୀ ପୂଜା ଯଜ୍ଞ ଚାଲୁ ରହିବ। ଆଜି ପ୍ରତ୍ୟୁଷରୁ ଦେବାଚାର୍ଯ୍ୟ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ସୂର୍ଯ୍ୟପୂଜା, ସଲା ପ୍ରବେଶ, ଷୋଡଶ ଉପଚାର ପୂଜା, ପଞ୍ଚକର୍ମ, ବାସ୍ତୁମଣ୍ଡଳ ପୂଜା, ନବଗ୍ରହ ପୂଜା, କୁଣ୍ଡ ସଂସ୍କାର, ଅଗ୍ନି ସ୍ଥାପନ, ସାମୂହିକ ହନୁମାନ ଚାଲିଶା ପାଠ ହେବା ସହ ୧୦୮ କଳସ ଯାତ୍ରା ଗାଁରେ ପରିକ୍ରମା କରି ମନ୍ଦିରରେ ପହଞ୍ଚିଥିଲା। ଏହି ତିନିଦିନ ଧରି ହେବାକୁ ଥିବା ଯଜ୍ଞରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଦୀପକ କୁମାର ସାହୁ ଓ ମୁଖ୍ୟକର୍ତ୍ତା ପ୍ରଦ୍ୟୁମ୍ନ ପଥାଳ କହିଛନ୍ତି। ଅନୁରୂପ ଭାବେ ସୋଲେଇ ଗାଁରେ ମା' ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବ ଆଜି ମହାସମାରୋହରେ ପାଳିତ ହୋଇଛି। କଳସ ଯାତ୍ରା ସହ ମା'ଙ୍କ ଯଜ୍ଞ ହେବା ସହ ସନ୍ଧ୍ୟାରେ ଭକ୍ତଙ୍କ ପାଇଁ ପ୍ରସାଦସେବନ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି।

# ବିଷୁବ ସଂକ୍ରାନ୍ତିରେ ରୋଟାରୀ କ୍ଲବ୍ ପକ୍ଷରୁ ପଣା ବଣ୍ଟନ

**ବ୍ୟାସନଗର, ୧୩।୪(ସମିସ):** ଯାଜପୁର ଜିଲ୍ଲାର ସାମାଜିକ ସଂଗଠନ ରୋଟାରୀ କ୍ଲବ କଳିଙ୍ଗନଗର ପକ୍ଷରୁ ସ୍ଥାନୀୟ ବ୍ୟାସନଗରସ୍ଥ ଦଳା ବାଇପାସ ଛକ ଟାଉନ ହଲ ନିକଟରେ ଓଡ଼ିଆ ନବବର୍ଷ ଅବସରରେ ମହାବିଷୁବ ସଂକ୍ରାନ୍ତି ପାଳନ କରାଯିବା ସହିତ ପଥଚାରୀଙ୍କୁ ପଣା ବଣ୍ଟନ କରାଯାଇଛି। ରୋଟାରୀ କ୍ଲବ୍ ସଭାପତି ରୋଟାରିଆନ ପ୍ରଶାନ୍ତ ପରିଡ଼ାଙ୍କ ନେତୃତ୍ୱରେ ଦଳା ବାଇପାସ ଛକ ନିକଟରେ ମହାଆଡ଼ମ୍ବରରେ ଓଡ଼ିଆ ନବବର୍ଷ ବା ମହାବିଷୁବ ସଂକ୍ରାନ୍ତି ପାଳନ କରାଯିବା ସହିତ ଏହି ରାସ୍ତାରେ ଯାତାୟତ କରୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ପ୍ରକାର ପାରମ୍ପରିକ ଓଡିଆ ପଣା ପ୍ରସ୍ତୁତ କରାଯାଇ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ରୋଟାରିଆନ ମନୋଜ କୁମାର ବାରିକ, ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ତଥା ସଦସ୍ୟା ରୋଟାରିଆନ ସବିତା ରାଉତ, ସୁଦୀପ ମିଶ୍ର, ସୁଶାନ୍ତ ବରାଳ, ଅକ୍ଷୟ ପତି, ବିଜୟ ଶତପଥୀ, ଗୋପିନାଥ ସାହୁ, ଯୁଧିଷ୍ଠିର ତରାଇ, କୈଳାସ ଚନ୍ଦ୍ର ସାହୁ, କମଳଲୋଚନ ସାହୁ, ଲୋକନାଥ ରାଉତ, ଚିନ୍ମୟ ପୃଷ୍ଟି ପ୍ରମୁଖ ଅଂଶଗ୍ରହଣ କରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




# ବାଙ୍ଗରକୋଟାରେ ବିଜେଡିର ବୁଥ୍ କମିଟି ଗଠିତ



**ଟମକା, ୧୩।୪(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ବାଙ୍ଗରକୋଟା ପଞ୍ଚାୟତ ବିଜେଡିର ୭ଟି ନିର୍ବାଚନୀ ବୁଥ୍ କମିଟି ଗଠନ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ଷଷ୍ଠ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହୋଇ ଐତିହାସିକ ରେକର୍ଡ କରିବାକୁ ଯାଉଛନ୍ତି। ସୁକିନ୍ଦାରେ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ୪୦ ହଜାର ଅଧିକ ଭୋଟରେ ବିଜୟୀ ହେବେ ବୋଲି ପଞ୍ଚାୟତ ବିଜେଡି ସଭାପତି ପଞ୍ଚାନନ ବଳ, ସମିତି ସଭ୍ୟ ଗୋପାଳଚନ୍ଦ୍ର ବାରିକ, ପର୍ଯ୍ୟବେକ୍ଷକ ବିଦ୍ୟାଧର ନାୟକ ମତବ୍ୟକ୍ତ କରିଛନ୍ତି। ଏହି ବୈଠକରେ ସୋସିଆଲ ମିଡିଆର ପବିତ୍ର ବଳ, ଯୁବ ସଭାପତି ଭେରିଗୁଡ଼ ରାଉତରାୟ ସହଯୋଗ କରିଥିଲେ। ଏଥିରେ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ୧୦୩ ବର୍ଷରେ ଚକୁଆ ଅଷ୍ଟପ୍ରହରୀ ନାମଯଜ୍ଞ



**ଦାନଗଦି, ୧୩।୪(ସମିସ):** ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷରେ ଦାନଗଦି ବ୍ଲକ ଚକୁଆ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଗାଁର ଏକାଧିକ ସଂକୀର୍ତ୍ତନ ଦଳ ଏହି ନାମଯଜ୍ଞରେ ଯୋଗଦେଇ ଅଖଣ୍ଡ ହରିନାମ ଜପିବା ସହ ନଗର ପରିକ୍ରମା କରିଥିଲେ। ଏହି ଗ୍ରାମର ସୁରେନ୍ଦ୍ର ସାମଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ନାମଯଜ୍ଞ ୧୦୩ ବର୍ଷ ପଦାର୍ପଣ କରିଥିବାରୁ ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଶତାଧିକ ହରିଭକ୍ତ ପ୍ରସାଦ ସେବନ କରିବା ସହ ଗୌରାଙ୍ଗ ମହାପ୍ରଭୁଙ୍କ ହରିନାମ ଶ୍ରବଣ କରିବା ପାଇଁ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା। ନଗର କୀର୍ତ୍ତନ ପରେ ସନ୍ଧ୍ୟାରେ ଦଧିହାଣ୍ଡି ଭଙ୍ଗାଯାଇଥିଲା। ଗାଁର ଘରେ ଘରେ ଶୁଭ ପୂର୍ଣ୍ଣ କଳସ ସ୍ଥାପନ କରାଯାଇଥିଲା।

## ବାଲିଚନ୍ଦ୍ରପୁର ବଜାରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଅଧଘଣ୍ଟା ଫସି ରହିଲା ୧୦୮ ଆମ୍ବୁଲାନ୍ସ

**ବାଲିଚନ୍ଦ୍ରପୁର, ୧୩।୪(ସମିସ)**

ଅବିଭକ୍ତ କଟକ ଜିଲ୍ଲା କେନ୍ଦ୍ରାପଡ଼ା, ଯାଜପୁର ଓ କଟକ ଜିଲ୍ଲାର ମଧ୍ୟସ୍ଥଳ ବାଲିଚନ୍ଦ୍ରପୁର। ବାଲିଚନ୍ଦ୍ରପୁର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ। ଏଠାରେ ଅନେକ ଶିକ୍ଷାନୁଷ୍ଠାନ ସହ ସରକାରୀ କାର୍ଯ୍ୟାଳୟ ରହିଛି। ବିଭିନ୍ନ ଜିଲ୍ଲାରୁ ପ୍ରତ୍ୟେହ ହଜାର ହଜାର ଲୋକ ଏଠାକୁ ବିଭିନ୍ନ କାମ ପାଇଁ ଆସିଥା'ନ୍ତି। ତେବେ ବାଲିଚନ୍ଦ୍ରପୁର ବଜାରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଆମ୍ବୁଲାନ୍ସ ଠିକ୍ ସମୟରେ ହସ୍‌ପିଟାଲରେ ପହଞ୍ଚିପାରୁନି। ଆଜି ୧୦୮ ଆମ୍ବୁଲାନ୍ସ ଅଧଘଣ୍ଟା ଫସିରହିଥିଲା। ତେଣୁ ବଜାରରେ ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବାକୁ ସାଧାରଣରେ ଦାବି ହେଉଛି।



ବଜାର ଜାମ ନ ହେବା ପାଇଁ ପ୍ରଶାସନ ପକ୍ଷରୁ ଏନଏଚ୍ ୫୩କୁ ସଂଲଗ୍ନ ବ୍ୟାଙ୍କ ରୋଡ୍‌ରେ ତିନିଚକିଆ ଓ ତଦୁର୍ଦ୍ଧ ଯାନ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ବାଇପାସ ରୋଡ୍ ଦେଇ ପଟ୍ଟାମୁଣ୍ଡାଇ କେନାଲ ବନ୍ଧରେ ବଜାର ଅତିକ୍ରମ କରିବା ପାଇଁ ବ୍ୟବସ୍ଥା କରାଯାଇଛି। କିନ୍ତୁ ବଜାରରେ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥାର ସୁବନ୍ଦୋବସ୍ତ ନ ଥିବାରୁ ପ୍ରାୟ ସବୁ ସମୟରେ ବଜାର ଜାମ ରହୁଥିବା ଦେଖିବାକୁ ମିଳୁଛି। ବିଶେଷକରି ସନ୍ଧ୍ୟା ସମୟରେ ବଜାରକୁ ଆସୁଥିବା ଲୋକେ ସେମାନଙ୍କ ଦୁଇଚକିଆ ଓ ଚାରିଚକିଆ ଗାଡ଼ି ରାସ୍ତା ଉପରେ ରଖି ନିଜ ନିଜର କାମ ପାଇଁ ବଜାର ଭିତରକୁ ଯିବା ଦ୍ୱାରା ବଡ଼ ଗାଡ଼ି ଆସିବା ଫଳରେ ରାସ୍ତା ଭିଡ଼ ହଉଛି। ପୁଲିସ ପ୍ରଶାସନ ପକ୍ଷରୁ ନାମକୁ ମାତ୍ର ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଉଥିଲେ ମଧ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ ବଜାର ଭିଡ଼ ହେବା ସହ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଶନିବାର ସନ୍ଧ୍ୟାରେ ବଜାର ମଧ୍ୟରେ ଟ୍ରାଫିକ୍ ପ୍ରବଳ ମାତ୍ରାରେ ଜାମ ହେବାରୁ ଗୁରୁତର ରୋଗୀଙ୍କୁ ନେଇ ମାହାଙ୍ଗା ଯାଉଥିବା ୧୦୮ ଆମ୍ବୁଲାନ୍ସକୁ ବଜାର ପାରିହେବା ପାଇଁ ନାକେଦମ ହେବାକୁ ପଡ଼ିଥିଲା। ପ୍ରାୟ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆମ୍ବୁଲାନ୍ସଟି ଭିଡ଼ ଭିତରେ ଫସି ରହିଥିବାବେଳେ ବଜାର ମଧ୍ୟସ୍ଥଳରୁ କେନାଲ ବନ୍ଧର ଏଣ୍ଡରସନ ଏନଏଚ ପୋଲ ପର୍ଯ୍ୟନ୍ତ ଅଧ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ଜାମ ହୋଇଯାଇଥିଲା। ତେବେ ବାଲିଚନ୍ଦ୍ରପୁର ପୁଲିସର ଖାମଖିଆଲି ନୀତି ଯୋଗୁ ଏଭଳି ବାରମ୍ବାର ବଜାର ଜାମ ରହିବା ଦ୍ୱାରା ବିଭିନ୍ନ ଜରୁରି କାମରେ ଯାଉଥିବା ବ୍ୟକ୍ତିଙ୍କୁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଥିବାବେଳେ ଶୃଙ୍ଖଳିତ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବୁଦ୍ଧିଜୀବୀ ପ୍ରଶାସନ ପାଖରେ ଦାବି କରିଛନ୍ତି।

# କ୍ରୀଡ଼ା ଶିକ୍ଷକଙ୍କ ବିୟୋଗରେ ଶୋକ

**ଯାଜପୁର, ୧୩।୪(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ବାବା ହରେକୃଷ୍ଣ ଦାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସେଖ୍ ଲିୟାକତ୍ ଅଲ୍ଲୀ (୫୯)ଙ୍କ ଗତକାଲି ବିଳମ୍ବିତ ରାତ୍ରିରେ ପରଲୋକ ହୋଇଯାଇଛି। ଅଲ୍ଲୀ ସାର ୧୯୯୧ରୁ ଏହି କଲେଜରେ କ୍ରୀଡ଼ା ଶିକ୍ଷକ ଭାବେ କାର୍ଯ୍ୟ କରୁଥିବାବେଳେ ଆଉ ଗୋଟିଏ ବର୍ଷ ପରେ ସେ ଅବସର ଗ୍ରହଣ କରିଥା'ନ୍ତେ। ଅପରାହ୍ନରେ ଘରେ ବସିଥିବାବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଘର ଲୋକ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ବାବା ହରେକୃଷ୍ଣ ଦାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ତାଙ୍କ ପାର୍ଥିବ ଶରୀର ନିଆଯାଇଥିଲା। ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସୁବୁଦ୍ଧିରାୟ ମହାପାତ୍ର ତାଙ୍କ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସହକର୍ମୀ ସମସ୍ତ ଅଧ୍ୟାପକ ତାଙ୍କ ପାର୍ଥିବ ଶରୀର ସହ ଶୋଭାଯାତ୍ରାରେ ଯାଇ ତାଙ୍କ ଘରେ ପରିବାର ପ୍ରତି ସମବେଦନା ଜ୍ଞାପନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଆଜି ତାଙ୍କ କବର ଦିଆଯାଇଥିଲା। ଅଧ୍ୟକ୍ଷ ରାଜେଶ କର, ଅଧ୍ୟାପକ ସଚିକାନ୍ତ ପାଣିଗ୍ରାହୀ, ମନୋରଞ୍ଜନ ମଲିକ ଶେଷ ଦର୍ଶନ କରିଥିଲେ।

# ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ସୁକିନ୍ଦା, ୧୩।୪(ସମିସ):** କାଳିଆପାଣି ଥାନା ଅନ୍ତର୍ଗତ ପଶିବନ୍ଧ ଗ୍ରାମର ମଧୁସୂଦନ ମହାନ୍ତକୁ ନିଜ ସ୍ତ୍ରୀଙ୍କ ଦେହରେ ନିଆଁ ଲଗାଇ ମାରିଦେଇଥିବା ଅଭିଯୋଗରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗତ ଗୁରୁବାର ଦିନ ସଞ୍ଜିତା ମହାନ୍ତ(୩୨)ଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଦେହରେ ନିଆଁ ଲାଗି ୬୦ ପ୍ରତିଶତ ପୋଡ଼ି ହୋଇଯାଇଥିଲ। ତାଙ୍କ ଅବସ୍ଥା ଶୋଚନୀୟ ଥିବାରୁ ଡାକ୍ତର କଟକ ସ୍ଥାନାନ୍ତର କରିଥିଲେ। କଟକରେ ଚିକିତ୍ସାଧୀନ ଅବସ୍ଥାରେ ସଂଜିତାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କଟକ ମଙ୍ଗଳାବାଗ ଥାନାରେ ୭୪୩/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏହା ଏକ ଯୋଜନାବଦ୍ଧ ହତ୍ୟା ଘଟଣା। ସଞ୍ଜିତାଙ୍କୁ ନିଆଁ ଲଗାଇ ପୋଡ଼ି ଦିଆଯାଇଥିବା ଭାଇ ମହେଶ୍ୱର ମହାନ୍ତ କାଳିଆପାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ସଞ୍ଜିତାଙ୍କ ସ୍ୱାମୀ ମଧୁସୂଦନ ଓ ଦେଢ଼ଶୁର ଶମ୍ଭୁନାଥ ମୁଖ୍ୟ ଅଭିଯୁକ୍ତ ବୋଲି ମହେଶ୍ୱର ଅଭିଯୋଗରେ ଦର୍ଶାଇଥିଲେ। ମଧୁସୂଦନ ପୂର୍ବରୁ ଅନେକ ସମୟରେ ସଂଜିତାଙ୍କୁ ମାନସିକ ଓ ଶାରୀରିକ ଅତ୍ୟାଚାର କରୁଥିବା ଅଭିଯୋଗ ହୋଇଛି। ଶନିବାର ଦିନ କାଳିଆପାଣି ପୁଲିସ ୫୯/୨୦୨୪ରେ ମାମଲା ରୁଜୁ କରି ମୃତ ସଞ୍ଜିତାଙ୍କ ସ୍ୱାମୀ ମଧୁସୂଦନକୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।



## କେନ୍ଦୁଝରରେ ଭୋଟ ହାର ବୃଦ୍ଧି ନିମନ୍ତେ ପ୍ରୟାସ

# ସଚେତନ କରୁଛନ୍ତି କ୍ରିକେଟର୍ ଶୁଭ୍ରାଂଶୁ

**କେନ୍ଦୁଝର,୧୩।୪(ସମିସ)**

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ଭୋଟର ସଚେତନତାକୁ ବ୍ୟାପକ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। କେନ୍ଦୁଝର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଆଇକନ ଭାବେ ନିଯୁକ୍ତ ହୋଇଛନ୍ତି ରଣଜୀ କ୍ରିକେଟର ଶୁଭ୍ରାଂଶୁ ସେନାପତି। କେନ୍ଦୁଝରରେ ଆୟୋଜିତ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମରେ ଯୋଗ ଦେଇ ଶୁଭ୍ରାଂଶୁ ସାଧାରଣ ନିର୍ବାଚନରେ ଅଧିକରୁ ଅଧିକ ମତଦାନ ପାଇଁ ଭୋଟରଙ୍କୁ ସଚେତନ କରିଥିଲେ। ପ୍ରଥମେ ସ୍ଥାନୀୟ ଜନଜାତି ଗବେଷଣା କେନ୍ଦ୍ର ଗସ୍ତ କରିବା ପରେ ଶଙ୍କରପୁର ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଯାଇ ସେଠାରେ ଯୁବ ଖେଳାଳି ତଥା ଭୋଟରମାନଙ୍କୁ ଭେଟି ଅଧିକରୁ ଅଧିକ ମତଦାନ ସପକ୍ଷରେ କହିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ସେ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ମତଦାନର ଗୁରୁତ୍ୱକୁ ନିଜ ବାର୍ତ୍ତା ମାଧ୍ୟମରେ ପ୍ରଦାନ କରିଥିଲେ। ନୂଆ ଦାୟିତ୍ୱ ମିଳିବା ପରେ ଶ୍ରୀ ସେନାପତି ପ୍ରତିକ୍ରିୟା ରଖି କହିଛନ୍ତି, 'ରାଷ୍ଟ୍ର ନିର୍ମାଣରେ ଯୁବଗୋଷ୍ଠୀଙ୍କର ପ୍ରମୁଖ ଭୂମିକା ରହିଛି। ମୁଁ ଓ ମୋର ପରିବାର ଗଣତନ୍ତ୍ରର ପର୍ବ ତଥା ନିର୍ବାଚନରେ ସର୍ବଦା ଭୋଟ ଦେଇଥାଉ। ଏହା ଆମର ଦାୟିତ୍ୱ, ଯାହାକୁ କେବେ ଅଣଦେଖା କରିବା କଥା ନୁହେଁ' ବୋଲି ସେ କହିଥିଲେ। କ୍ରିକେଟ ମ୍ୟାଚରେ ଯେପରି ଦଳ ଜିତିବା ପାଇଁ ସମସ୍ତ ଏଗାର ଜଣ ଖେଳାଳିଙ୍କୁ ନିଜ ନିଜ ଅବଦାନ ରଖିବାକୁ ପଡ଼ିଥାଏ, ସେହିଭଳି ଆମ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବା ନିମନ୍ତେ ଆମ ସମସ୍ତଙ୍କୁ ନିଜ ନିଜ ଅବଦାନ ଭୋଟ ଦାନ କରି ରଖିବାକୁ ପଡିବ ବୋଲି ସେ ମତ ରଖିଥିଲେ। ଶ୍ରୀ ସେନାପତି ଗଣମାଧ୍ୟମ ପ୍ରତିନିଧିମାନଙ୍କ ମାଧ୍ୟମରେ ସମଗ୍ର କେନ୍ଦୁଝର ଜିଲ୍ଲାର ଭୋଟରମାନଙ୍କୁ ନିଜ ନିଜର ମତଦାନ ସାବ୍ୟସ୍ତ କରିବାକୁ ନିବେଦନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉପଜିଲ୍ଲାପାଳ ତ୍ରିଲୋଚନ ମହାନ୍ତି, କେନ୍ଦୁଝର ସଦର ବ୍ଲକ ବିଡିଓ ତିଳୋତ୍ତମା ପୃଷ୍ଟି ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ରହିଥିଲେ।




## ଘଟଗାଁରେ ଚଇତି ପର୍ବ

## ସୁନାବେଶରେ ଦର୍ଶନ ଦେଲେ ମା' ତାରିଣୀ

**କେନ୍ଦୁଝର/ଘଟଗାଁ,୧୩।୪(ସମିସ):** କେନ୍ଦୁଝରର ଆରାଧ୍ୟ ଦେବୀ ଘଟଗାଁ ମା' ତାରିଣୀଙ୍କର ୮୮ତମ ଚଇତି ପର୍ବ ଚାଲୁଛି। ଶନିବାର ଚଇତି ପର୍ବର ପଞ୍ଚମ ଦିନରେ ମା'ଙ୍କ ସୁନାବେଶ ହୋଇଛି। ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଭକ୍ତ ମା'ଙ୍କ ସୁନାବେଶ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି। ଦିନବେଳେ କେନ୍ଦ୍ରାପଡାର ସାଇନାଥ କଳା ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା କଟକ ଓ କବିନ୍ଦ୍ର ମହାପାତ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମ, ଗଞ୍ଜାମର ଲକ୍ଷ୍ମୀନୃସିଂହ ଯୋଡି ଶଙ୍ଖ, ରଣପା ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେପଟେ ପାଲାମଣ୍ଡପରେ କଟକର ଶ୍ରୀନିବାସ ଆଚାର୍ଯ୍ୟ ପାଲା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମଙ୍କୁ ଡିଆଇ ଦକ୍ଷିଣେଶ୍ୱର ମାର୍ଣ୍ଡି, ଇନିସ୍ପେକ୍ଟର ତ୍ରିଲୋଚନ ନାଏକ, ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ପରିଚାଳନା କରିଥିଲେ।



## ୭ ନଂ ୱାର୍ଡର ତାରିଣୀ ଶାଳ ନିକଟରେ ଖୋଲିଲା ଜଳଛତ୍ର




**ଆନନ୍ଦପୁର,୧୩।୪(ସମିସ):** ଆନନ୍ଦପୁର ପୌରାଞ୍ଚଳ ୭ ନଂ ଓାଡର୍ ବ୍ରିଜଛକସ୍ଥିତ ତାରିଣୀଶାଳ ନିକଟରେ ଶୁକ୍ରବାର ଆନୁଷ୍ଠାନିକ ଭାବେ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ୭ ନଂ ଓାଡର୍‌ର କାଉନସିଲର କୃଷ୍ଣ ଚନ୍ଦ୍ର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆନନ୍ଦପୁର ବ୍ରିଜଛକର ସେତୁ ନିକଟରେ ଜଳଛତ୍ର ଶୁଭାରମ୍ଭ ହୋଇଛି। ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପୌରଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ପୌରଅଧିକାରୀ ଦେବ ପ୍ରସାଦ ବଳଙ୍କ ସମେତ ଅନ୍ୟ ପୌରକର୍ମ.ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଜି ପ୍ରଥମ ଦିନରେ କାଉନସିଲର ରଣାଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ଦହି ସରବତର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଦେବାଶିଷ ରାମ,ରୁବୁଲ ରାଜ, ମନୋଜ କୁମାର ସିଂହ ପ୍ରମୁଖ କାଉନସିଲରଙ୍କ ସହଯୋଗୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଡାଲମିଆ ସିମେଣ୍ଟ ପକ୍ଷରୁ ପଥପ୍ରାନ୍ତ ସଚେତନତା

**ଆନନ୍ଦପୁର,୧୩।୪(ସମିସ):** ଡାଲମିଆ ଡିଏସପି ସିମେଣ୍ଟ କମ୍ପାନୀ ପକ୍ଷରୁ ଆଜି ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଘରବାଡି ନିର୍ମାଣ କ୍ଷେତ୍ରରେ ସିମେଣ୍ଟର ବ୍ୟବହାରିତାକୁ ନେଇ ଅଞ୍ଚଳବାସୀଙ୍କୁ ସଚେତନତା ସହିତ ନିର୍ମାଣ ଶ୍ରମିକ ଓ ରାଜମିସ୍ତ୍ରୀ ମାନଙ୍କୁ ସଚେତନ କରାଇ ନିର୍ମାଣ କାର୍ଯ୍ୟକୁ ମଜବୁତ କରିବା ଦିଗରେ ପରାମର୍ଶ ଦେଇଥିଲେ। କମ୍ପାନୀର ରଂଜିତ ପ୍ରକାଶ ରାଜ୍ ଓ ଗୌତମ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର, ଘସିପୁରା ବସଷ୍ଟାଣ୍ଡ ଓ ଛେନାପଦି ଛକର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

## ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ରକ୍ଷା କବଚ ବାନ୍ଧିଲେ ମହିଳା

**ତୁରୁମୁଙ୍ଗା/ପାଟଣା,୧୩।୪(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ମାଛଗଡ଼ ପଞ୍ଚାୟତ ଓସ୍ତୋଯୋଡିଠାରେ ଶନିବାର କେନ୍ଦୁଝର ବିଜେଡି ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ ଏବଂ ପାଟଣା ବିଧାୟକ ପ୍ରାର୍ଥୀ ଜୋରଦାର ପ୍ରଚାର କରିଛନ୍ତି। ପ୍ରଥମେ ଓସ୍ତୋଯୋଡି ଗ୍ରାମରେ ଥିବା ଶିବମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ଶତାଧିକ ମହିଳା ତାଙ୍କୁ ସ୍ୱାଗତ କରିବା ସହ ସଂକୀର୍ତ୍ତନ କରି ନାଚି ନାଚି ସ୍ୱାଗତ କରିଥିଲେ। ଏହାପରେ ଓସ୍ତୋଯୋଡି ଠାରେ ଆୟୋଜିତ ହୋଇଥିବା ନିର୍ବାଚନ ମଣ୍ଡଳୀ ସ୍ତରୀୟ ମହିଳା ବିଜୁ ଜନତା ଦଳର ମା' କବଚ ସମାରୋହରେ ଉଭୟ ଯୋଗଦେଇଥିଲେ। ଏହି ଅବସରରେ ବିଜୁ ମହିଳା ଜନତା ଦଳ ତରଫରୁ ସୁରକ୍ଷା କବଚ ଭାବରେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ହାତରେ ସୂତା ବାନ୍ଧି ଆଗାମୀ ନିର୍ବାଚନରେ ବିଜୟ ମୁକୁଟ ପିନ୍ଧିବା ପାଇଁ ଶପଥ ନେଇଥିଲେ। ଆୟୋଜିତ ମା'କବଚ କାର୍ଯ୍ୟକ୍ରମକୁ ଅରୁଣ କୁମାର ମହାନ୍ତ ସଂଯୋଜନା କରିଥିବା ବେଳେ ବିଜୁ ଜନତା ଦଳର ନିର୍ବାଚନ ମଣ୍ଡଳୀ ମହିଳା ସଂଯୋଜିକା କିରଣବାଳା ସିଂ ସଭାପତିତ୍ୱ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପାଟଣା ନିର୍ବାଚନ ମଣ୍ଡଳୀର ସଂଯୋଜକ କାନନ ବିହାରୀ ପହି, ପର୍ଯ୍ୟବେକ୍ଷକ ଡ଼ଃ ହରିଶ ଚୌଧୁରୀ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଆଶିଷ କୁମାର ଚକ୍ରବର୍ତ୍ତୀ,ବରିଷ୍ଠ ନେତା ଭବାନୀ ଶଙ୍କର ନାୟକ, ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାୟକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାୟକ, ଜିଲ୍ଲା ପରିଷଦ ସଦସ୍ୟା ଚମ୍ପାବତୀ ଟୁଡୁ, ରୁନୁ ମହାନ୍ତ, ବୁଦ୍ଧଦେବ ମହାକୁଡ଼, ସାହାରପଡା ବ୍ଲକ ବିଜେଡି ସଭାପତି ଦିଲ୍ଲୀପ କୁମାର ସାହୁ, ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି ପ୍ରମୁଖ ଉପସ୍ଥିତ ମହିଳାମା।ନଙ୍କ ଉଦ୍ଦେ୍ୟଶରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ସାହାରପଡା ପାଟଣା, ଚମ୍ପୁଆ ଓ ଝୁମ୍ପୁରା ବ୍ଲକରୁ ୬ ହଜାରରୁ ଉଦ୍ଧ୍ୱର୍ ମହିଳାଯୋଗଦେଇଥିଲେ। ପାଟଣା ବ୍ଲକ ଉପାଧ୍ୟକ୍ଷା ବୀଣାପାଣି ନାୟକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।



## ବିଲେଇପଦା ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ଯୋଡା,୧୩।୪(ସମିସ):** ଯୋଡା ବ୍ଲକ ବିରିକଳା ପଞ୍ଚାୟ ବିଲେଇପଦା ଠାରେ ଶନିବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ବିଂଶତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଲେଇପଦା ଟାଟାଷ୍ଟିଲ ସ୍ୱଞ୍ଜି ଲିମିଟେଡ ମୁଖ୍ୟ ବିଭୂଦତ୍ତ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ବିଲେଇପଦା ଟାଟାଷ୍ଟିଲ ସ୍ୱଞ୍ଜି ଲିମିଟେଡର ସିଏସଆର ମୁଖ୍ୟ ଆର ସୋମନାଥ, ବିଦ୍ୟା ଶକ୍ତି ନ୍ୟାସ ବିଲେଇପଦାର ସମ୍ପାଦିକା ଶ୍ରୀମତୀ ନୂତନ ପଣ୍ଡିତ ଉପସ୍ଥିତ ରହିଥିଲେ। କୁନି କୁନି ପିଲା ମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ବଢିବା ସହ ଭବିଷ୍ୟତରେ ଏକ ସୁନାଗରିକ ହେବାକୁ ଅତିଥି ପ୍ରେରଣା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ପରିଚାଳନା ସମିତିର ସଭାପତି ନିତ୍ୟାନନ୍ଦ ବାରିକଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ନୃତ୍ୟରେ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ବିଭାଗରେ ସଫଳତା ହାସଲ କରିଥିବା ଶିଶୁଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ଗୋପୀନାଥ ଗୋପ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଶ୍ରୀମତି ଲୀନା ମଲ୍ଲ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର କୋଷାଧ୍ୟକ୍ଷ ନିର୍ମଳ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ, ଗୁରୁମା ତଥା ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଯଥାରୀତିରେ ସମ୍ପାଦିତ ହୋଇଥିଲା।



## ବଜରଙ୍ଗ ଦଳ ପକ୍ଷରୁ ବାଇକ୍ ଶୋଭାଯାତ୍ରା

**ହାଟଡ଼ିହୀ/ସୋସୋ,୧୩।୪ (ସମିସ):** ଜଗନ୍ନାଥ ପାଞ୍ଜି ଅନୁସାରେ ରବିବାର ପବିତ୍ର ହନୁମାନ ଜୟନ୍ତୀ ଏବଂ ପଣାସଂକ୍ରାନ୍ତି ଉପଲକ୍ଷେ ଆଜି ପୂର୍ବାହ୍ନରେ ହାଟଡ଼ିହୀ ବଜରଙ୍ଗ ଦଳ ପକ୍ଷରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରା ହୋଇଯାଇଛି। ବଜରଙ୍ଗ ଦଳର ସମସ୍ତ ସଦସ୍ୟ ହାଟଡ଼ିହୀ ସ୍ଥିତ ତେଲ୍କୁକାହାଟ ଠାରୁ ବାହାରି ନାହାଳିଆ, ମଠକପୁଣ୍ଡି, କୁଣ୍ଡିସାହି, ଗୋବିନ୍ଦପୁର, ଗୋଲିଗୋପାଳପୁର, ଛେନାପଦି, ଅଣା, ମରେଇଗାଁ ଦେଇ ହାଟଡ଼ିହୀ ଓ ଜଳକଳଙ୍ଗ ଗ୍ରାମରେ ଶୋଭାଯାତ୍ରା କରି ହନୁମାନ ମନ୍ଦିର ନିକଟରେ ପହଞ୍ଚିଥିଲେ। ରବିବାର ମେଷସଂକ୍ରାନ୍ତିରେ ପବିତ୍ର ହନୁମାନ ଜୟନ୍ତୀ ସହ କୋଟି ଓଡ଼ିଆଙ୍କ ପାଇଁ ହିନ୍ଦୁ ନୂଆବର୍ଷ ଉପଲକ୍ଷେ ଚଇତି ପର୍ବର ପଣାସଂକ୍ରାନ୍ତି ପର୍ବ ଅନୁଷ୍ଠିତ ହେଉଥିବାରୁ ବଜରଙ୍ଗ ଦଳ ପକ୍ଷରୁ ଏହି ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ନେଇ ହାଟଡ଼ିହୀ ବଜରଙ୍ଗ ଦଳର ପ୍ରଖଣ୍ଡ ପ୍ରମୁଖ ଜଗନ୍ନାଥ ପୃଷ୍ଟି କହିଛନ୍ତି। ଚଇତିପର୍ବ ଉପଲକ୍ଷେ ଆସନ୍ତା ୩ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା କାର୍ଯ୍ୟକ୍ରମରେ ବଜରଙ୍ଗ ଦଳ ସହ ଗ୍ରାମବାସୀ ଏବଂ ସ୍ଥାନୀୟ ନନ୍ଦିପଦା ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ନିମନ୍ତେ ବ୍ୟାପକ ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି।



## ଗଛରେ ପିଟିହୋଇ ଗାଡ଼ିଚାଳକ ଗୁରୁତର



**ସୋସୋ, ୧୩।୪(ସମିସ):** ହାଟଡିହି ବ୍ଲକର ବଉଳା ସୋସୋ କଲେଜ ଛକ ନିକଟରେ କଲେଜର ପାଚେରୀ ପାଖରେ ଥିବା ଏକ ଗଛକୁ ପିକ୍‌ଅପ୍ ଗାଡିଟି ପିଟି ହୋଇଥିବାରୁ ଡ୍ରାଇଭର ଗୁରୁତର ହୋଇପଡିଥିଲେ। ଖବରରୁ ଜଣାଯାଇଛି ଗାଡିଟି ଆଗରପଡାରୁ ବିଦ୍ୟାଧରପୁର ଯାଉଥିବାବେଳେ ସୋସୋ କଲେଜ ଛକର ପାଚେରି ପାର୍ଶ୍ୱରେ ଗାଡିଟି ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ଯୁବକମାନେ ଦେଖି ନିକଟସ୍ଥ ପୁଲିସକୁ ଖବର କରିଥିଲେ ମଧ୍ୟ ପୁଲିସ ଘଟଣା ସ୍ଥଳକୁ ଆସି ଆହତ ଡ୍ରାଇଭରକୁ ଚିକିତ୍ସା ପାଇ ପଠାଇନଥିବାରୁ ଯୁବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଯୁବକମାନେ ଏକ ଆମ୍ବୁଲାନ୍ସ ଡାକି ଆଗରପଡା ଡାକ୍ତରଖାନାକୁ ଚିକିତ୍ସା ପାଇ ପଠାଇଥିଲେ। ଡ୍ରାଇଭରର ଘର ଚାରିଗାଁ ବୋଲି ଜଣାପଡିଛି।

## ଅଗ୍ନିକାଣ୍ଡରେ ଜଳିଗଲା ୩ବଖରା



**ହାଟଡ଼ିହୀ,୧୩।୪(ସମିସ):** ନନ୍ଦିପଦା ଥାନା ନନ୍ଦିପଦା ଗ୍ରାମ ୨ନଂ ୱାର୍ଡର ବାମଦେବ ଦାସଙ୍କ ବଡ଼ଭାଇ ସନ୍ତୋଷ ଦାସ ଓ ସାନଭାଇ ନରହରି ଦାସଙ୍କ ଘରେ ଅଗ୍ନିକାଣ୍ଡ ଘଟି ୩ବଖରା ଘର ଜଳିଯାଇଛି। ସୂଚନା ଅନୁସାରେ, ରୋଷେଇ ଚାଲିଥିବା ସମୟରେ କୌଣସି କାରଣରୁ ଅସାବଧାନତା ବଶତଃ ଚାଳ ଘରେ ନିଆଁ ଲାଗିଯାଇଥିଲା। ପ୍ରଚଣ୍ଡ ଖରା ସହ ନିଆଁ ଝୁଲ ପାଇ ବାରୁଦ ଗଦାରେ ନିଆଁ ଲାଗିଲା ପରି ଛଣଛପର ଘରଟି ନିମିଷକରେ ଜଳିଯାଇଥିଲା। ନିଆଁର ପ୍ରକୋପ ମାତ୍ରାଧିକ ଥିବାରୁ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସମ୍ଭବ ହୋଇନଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଅବଶିଷ୍ଟ ନିଆଁକୁ ଆୟତ୍ତ କରିଥିଲେ। ତେବେ ଏଭଳି ଅଗ୍ନିକାଣ୍ଡରେ ସନ୍ତୋଷ ଓ ନରହରିଙ୍କ ସମସ୍ତ ଘରୋଇ ସରଞ୍ଜାମ ନଷ୍ଟ ହୋଇଯାଇଛି। ଏପରିକି ବାକ୍ସରେ ଥିବା ତାଙ୍କ ପିଲାଙ୍କ ସ୍କୁଲ୍ ପ୍ରମାଣ ପତ୍ର ଗୁଡ଼ିକ ମଧ୍ୟ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକଙ୍କ ସହ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଦାବି କରିଛନ୍ତି।

## ମା' କୁଣ୍ଡୁଳାଇଙ୍କ ବାର୍ଷିକ ଉତ୍ସବ



**ବେଲବାହାଲି,୧୩।୪(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ଗ୍ରାମର କୁଶେଇ ନଦୀ କୂଳରେ ଅବସ୍ଥିତ ଥିବା ମା' କୁଣ୍ଡୁଳାଇଙ୍କ ତୃତୀୟ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟପୂଜକ ଶରତ ଚନ୍ଦ୍ର ଦାସ, ସହସାଥି ପୂଜକ ବିନୋଦ ବିହାରୀ ପଣ୍ଡା, ଦେବେନ୍ଦ୍ର ପଣ୍ଡାଙ୍କ ଦ୍ୱାରା କୁସେଇ ନଦୀରୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି କଳସ ବୁଡାଇ ବ୍ରତଧାରୀ ଗ୍ରାମ ପରିକ୍ରମା କରି ମା'ଙ୍କ ପୂଜା ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ମା'ଙ୍କ ପୂଜା ମଣ୍ଡପକୁ ସୁସଜ୍ଜିତ କରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବା ସହ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଂକଳ୍ପ କାର୍ଯ୍ୟ ବିବେକାନନ୍ଦ ନାଏକ, ଧର୍ମପତ୍ନୀ ଜ୍ୟୋତି ପ୍ରଭା ରାଉତ ତୁଲାଇ ଥିବା ବେଳେ ମିନତୀ ସା, ପଦ୍ମାବତୀ ସାହୁ, ସସ୍ମିତା ମହାନ୍ତି, ସୌଦାମିନୀ ଦାସ, ସଜନୀ ଦାସ, କନକ ଜେନା, କଣ୍ଢେଇ ରଣା, ରମାମଣି ସାହୁ, ସୁକୁରି ସା, ଉମା ରଣା, ଶାନ୍ତିଲତା ବେହେରା, ସୌଦାମିନୀ ମାଝୀ, ଅତୁଳ ଚରଣ ରଣା, କୈଳାସ ସା, ସହଯୋଗ କରିଥିଲେ। ପ୍ରଥମେ ଅଧିବାସ, ସୂର୍ଯ୍ୟ ପୂଜା, ଉପଚାର ପୂଜା ଓ ରବିବାର ଦିନ ଗୀତା ଯଜ୍ଞ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ଆଜି ମା'ଙ୍କ ପୀଠରେ ଆଖ ପାଖ ଅଞ୍ଚଳରୁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଏହି ଉତ୍ସବକୁ ନୀଳମଣି ଜେନା, ନରହରି ଜେନା, ପ୍ରମୋଦିନୀ ଜେନା,ସବିତା ଜେନା, ସଦା ଜେନା, ଆଶୁତୋଷ ଜେନା ଧର୍ମେନ୍ଦ୍ର ଜେନା, ଆଇସ୍ୱତି ଜେନା ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## କଷ୍ଟମର ଡେ' ପାଳିତ

**ସୋସୋ, ୧୩।୪(ସମିସ):** ହାଟଡିହି ବ୍ଲକର ହଦଗଡ ସାଳନ୍ଦୀ ଡାକ ବଙ୍ଗଳାରେ ଗେନ୍‌ୱେଲ୍ କ୍ୟାଟ୍ ପକ୍ଷରୁ କଷ୍ଟମର ଡେ' ପାଳିତ ହୋଇଯାଇଛି। ଗେନ୍‌ୱେଲ୍ କ୍ୟାଟ୍‌ର ଓଡିଶା ସେଲ୍ସ ମ୍ୟାନେଜର ପ୍ରଫୁଲ୍ଲ ସାହୁ, କଷ୍ଟମର ଜ୍ଞାନ ପ୍ରକାଶ ଆଇଚ ଉପସ୍ଥିତ ଥିବାବେଳେ ଦୁର୍ଗା ପ୍ରସାଦ ଆଇଚ, ଅଜିତ କୁମାର ରାଉତ, ମଦନ ମୋହନ ନନ୍ଦି, ମୁନା ମଲ୍ଲିକ, ଟିକନ ରାଉତ, ଗୌରାଙ୍ଗ ସାମଲ, ସଞ୍ଜୁସାହୁ, ଅଭିମନ୍ୟୁ ନାୟକ ପ୍ରମୁଖ ବହୁ ବ୍ୟକ୍ତି ଉପସ୍ଥିତ ରହି ଗେନ୍‌ୱେଲ୍ କ୍ୟାଟ୍‌ର କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହିତ ପ୍ରଶଂସା କରିଥିଲେ।

## ଟୁଂକୁଣା ଶାସନରେ ବାଦିପାଲା ସମାରୋହ



**ଆନନ୍ଦପୁର, ୧୩।୪(ସମିସ) ;** ଆନନ୍ଦପୁର ବ୍ଲକର ଟୁଂକୁଣା ଶାସନରେ ପ୍ରତିବର୍ଷ ପରି ଚଳିତବର୍ଷ ବାଦିପାଲା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସତ୍ୟନାରାୟଣ ପାଲା କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି ବାଦିପାଲାରେ ଗାୟକ ଯୁଧିଷ୍ଠିର ପରିଜା ଓ ଲକ୍ଷ୍ମୀଧର ଦାସ ପ୍ରତିଦିନ ସନ୍ଧ୍ୟାରେ ପାଲା ପରିବେଶଣ ମାଧ୍ୟମରେ ନୀତିଶିକ୍ଷା, ସାମାଜିକ ରୀତିନୀତି ଓ ସାଂପ୍ରତିକ ସମାଜରେ ପାରିବାରିକ ସମ୍ପର୍କ ବଜାୟ ରଖିବା ପାଇଁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ପାଲା କମିଟିର କର୍ମକର୍ତ୍ତା ଅଜୟ କୁମାର ମିଶ୍ର, ବିଜୟ କୁମାର ମିଶ୍ର, ସଞ୍ଜୟ କୁମାର ମିଶ୍ର, କେଶବ ମିଶ୍ର, ନରେନ୍ଦ୍ର ମିଶ୍ର, ନରହରି ମିଶ୍ର, ପ୍ରସନ୍ନ ମିଶ୍ର, ପୁରୁଷୋତ୍ତମ ମିଶ୍ର, ନିରଂଜନ ଦାଶ, ନିରାକର ମିଶ୍ର, କୀର୍ତ୍ତନ ମିଶ୍ର, ଘନଶ୍ୟାମ ମିଶ୍ର, ଯଦୁମଣୀ ମିଶ୍ର, ଲକ୍ଷ୍ମୀକାନ୍ତ ମିଶ୍ର, ମଦନମୋହନ ମିଶ୍ର, ବିଦ୍ୟାଧର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଦୁର୍ବଳ ହୋଇପଡୁଛି ଆନନ୍ଦପୁର-ସିଙ୍ଗଡୋଭ ବନ୍ୟା ସୁରକ୍ଷା ନଦୀବନ୍ଧ

**ଆନନ୍ଦପୁର, ୧୩।୪(ସମିସ)**

ଆନନ୍ଦପୁରରୁ ଫକୀରପୁର, ସିଙ୍ଗଡୋଭ, ମୁଗୁପୁରୁ, ପନତୁଗୋଛିଆରୁ ହାବଳେଶ୍ୱର ପର୍ଯ୍ୟନ୍ତ ଥିବା ବୈତରଣୀ ନଦୀ ସୁରକ୍ଷା ବନ୍ଧ କ୍ରମଶଃ ଦୁର୍ବଳ ହୋଇପଡୁଥିବା ପରିଲକ୍ଷିତ ହୋଇଛି। ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ପ୍ରତିବର୍ଷ ଆର୍ଥିକ ବ୍ୟୟବରାଦ କରାଯାଉଥିଲେ ମଧ୍ୟ ଉପଯୁକ୍ତ ତଦାରଖ ଅଭାବରୁ ଠିକ ଭାବେ କାର୍ଯ୍ୟ ହୋଇପାରୁନଥିବା ଅଭିଯୋଗ ହୋଇଛି। ଏହି ନଦୀବନ୍ଧକୁ ଓସାରିଆ ଓ ମଜବୁତ କରିବା ପାଇଁ ରାଜ୍ୟ ସରକାର ଆବଶକୀୟ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ ମଧ୍ୟ ହେବାକୁ ଥିବା ନିର୍ମାଣ କାର୍ଯ୍ୟ ହୋଇନଥିବାରୁ ଏହି ନଦୀବନ୍ଧ ଯଥା ପୂର୍ବଂ ତଥା ପରଂ ଅବସ୍ଥା ରେ ଥିବା ଜଣାଯାଇଛି। ପ୍ରାୟ ୭ ଗୋଟି ପଞ୍ଚାୟତ ଅଧିବାସୀ ଯାତାୟତ ପାଇଁ ଏହି ନଦୀବନ୍ଧ ଉପରେ ନିର୍ଭର କରିଥାନ୍ତି। ହେଲେ ନଦୀବନ୍ଧର ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଯାତାୟତ କ୍ଷେତ୍ରରେ ବିଶେଷ ଅସୁବିଧା ସୃଷ୍ଟି ହେଉଥିବା ଜଣାଯାଇଛି। ଆନନ୍ଦପୁର ଜଳସମ୍ପଦ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ନଦୀବନ୍ଧ ନିର୍ମାଣ କରାଯାଇଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଉକ୍ତ ନଦୀବନ୍ଧ ଦୟନୀୟ ହୋଇପଡିଥିବାରୁ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଯାତାୟତ କରୁଥିବା ସ୍କୁଲ କଲେଜ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଦୀବନ୍ଧର ଉପରିଭାଗରେ ଖାଲଖମା ସୃଷ୍ଟି ହୋଇଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ଧନଜୀବନ ହାନି ହେଉଥିବା ଜଣାଯାଇଛି। ଏହି ନଦୀବନ୍ଧକୁ ଅଞ୍ଚଳବାସୀ ଏକ ପ୍ରମୁଖ ରାସ୍ତା ଭାବେ ବ୍ୟବହାର କରୁଥିବାରୁ ଜଳ ସମ୍ପଦ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



# ଆଖଣ୍ଡଳମଣିଙ୍କୁ ଜଳଲାଗି କଲେ ସହସ୍ରାଧିକ ଗୋପାଳଭକ୍ତ



**ଭଦ୍ରକ/ଆରଡି, ୧୩।୪(ସମିସ)**

ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପ୍ରଚଳିତ ବିରଜା ପଞ୍ଜିକା ଅନୁଯାୟୀ ଶନିବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ମଣିବାବାଙ୍କୁ ଜଳାଭିଷେକ କରିବା ପାଇଁ ରାଜ୍ୟର କୋଣ ଅନୁକୋଣରୁ ସହସ୍ରାଧିକ ଗୋପାଳଭକ୍ତ ଏକମାସ ବ୍ରତ ରଖିବା ସହ ବିଭିନ୍ନ ନଦୀ ଓ ଜଳାଶୟରୁ ପିତଳ କଳସରେ ଜଳଭାର ନେଇ ଚାଲିଚାଲି ଆସି ସେବାୟତଙ୍କ ଦ୍ୱାରା ଜଳଲାଗି କରିଥିଲେ। ଭକ୍ତମାନଙ୍କର ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ଭିତରେ ଓ ବାହାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଅନ୍ୟପଟେ ଭୋର ୪ଟାରେ ମନ୍ଦିର ଦ୍ୱାରଫିଟା ନୀତି ସରିବା ପରେ ମଙ୍ଗଳ ଆଳତୀ, ଘର୍ଷଣଲାଗି, ପଣାଭୋଗ, ଜଳାଭିଷେକ ନୀତି ସରିବା ପରେ ନବବସ୍ତ୍ର ଓ ଫୁଲଚନ୍ଦନ ଲାଗି କରାଯାଇ ବାବାଙ୍କୁ ଦିଗମ୍ବର ବେଶରେ ପହିଲି ବାଲ୍ୟଭୋଗ ଲାଗି କରାଯାଇଥିଲା। ପରେ ଗୋପାଳଭକ୍ତମାନେ

**ଏକମାସ ଧରି ଚାଲିବ ଶୀତଳ ଉପଚାର ନୀତି**

ଧାଡିରେ ଯାଇ ସେବାୟତଙ୍କ ଦ୍ୱାରା ଜଳଲାଗି କରିଥିଲେ। ମଧ୍ୟାହ୍ନ ୧ଟା ସୁଧା ସମସ୍ତ ସକାଳ ନୀତି ସମ୍ପନ୍ନ ହେବା ପରେ ବଡ ଅନ୍ନନୀତି ଭୋଗ ଲାଗି କରାଯାଇ ୧ଘଣ୍ଟା ଅବକାଶ (ଶୟନ)ନୀତି କରାଯାଇଥିଲା। ପରେ ଅପରାହ୍ଣରେ ସେବାୟତଙ୍କ ଦ୍ୱାରା ବିଷୁବ ସଂକ୍ରାନ୍ତି ନୀତି ନିମନ୍ତେ ବେଲ, ଗୁଡ, ଦହିଛେନା ଆଦିରେ ପ୍ରସ୍ତୁତ ପଣାଭୋଗ ଲାଗି କରାଯାଇ ବଡସିଂହାର ବେଶରେ ସଜ୍ଜିତ କରାଯାଇଥିଲା ମଣିବାବାଙ୍କୁ। ସନ୍ଧ୍ୟାରେ ଷୋଡଷ ଉପଚାର ନୀତି ବଡ ଆଳତୀ ସରିବା ପରେ ରାତ୍ର ୧୦ଟାରେ ଦହିପଖାଳ ଭୋଗ ଲାଗି କରାଯାଇ ପହୁଡ କରାଯାଇଥିଲା। ଏହି ଶୀତଳ ଉପଚାର ନୀତି ଏକମାସ ଧରି ପୀଠରେ ଅନୁଷ୍ଠିତ ହେବ। ପ୍ରତି ସୋମବାର ସହସ୍ରାଧିକ ଗୋପାଳଭକ୍ତ ଜଳାଭିଷେକ କରିବା ସହ ମାନସିକଧାରୀ ଭକ୍ତମାନେ ମଣିବାବାଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବେ।

## ଗନ୍ଧର୍ବପୋଖରୀରେ ହନୁମାନଜୀୟୁଙ୍କ ବାର୍ଷିକ ଉତ୍ସବ



**ତିହିଡି, ୧୩।୪(ସମିସ):** ତିହିଡି ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧିନ ଗନ୍ଧର୍ବ ପୋଖରୀରେ ହନୁମାନଜୀୟୁଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ଶତାଧିକ ମହିଳା ଓ ପୁରୁଷମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମଦେବତୀ ଜାଡି ଠାକୁରାଣୀଙ୍କ ଠାରୁ ଆରମ୍ଭ ହୋଇଥିବା ଏହି କଳସ ଶୋଭାଯାତ୍ରା ଗନ୍ଧର୍ବପୋଖରୀ, ଆରୁହା, ସିନ୍ଦୋଳ, ମଲ୍ଲିକସାହି ଓ ରଥସାହି ପରିକ୍ରମା କରିବା ପରେ ଆରୁହାସ୍ଥିତ ଲକ୍ଷ୍ମୀନାରାୟଣ ପୋଖରୀରେ କଳସ ବୁଡା ଯାଇଥିଲା। ଦିନ ତମାମ ଗୁରୁପୂଜା, ଗୋପୂଜା, ସୂର୍ଯ୍ୟପୂଜା ପରେ ଯଜ୍ଞ କାର୍ଯ୍ୟାରମ୍ଭ ହୋଇଛି। ସଂଧ୍ୟାରେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶୁକ୍ରବାର ନାମଯଜ୍ଞ ଲାଗି ଅଧିବାସ ଓ ଅଙ୍କୁରାରୋପଣ କରାଯାଇଥିଲା। ରବିବାର ଗୋଧୂଳି ବେଳାରେ ଯଜ୍ଞର ପୂର୍ଣ୍ଣାହୂତି ହେବାର କାର୍ଯ୍ୟକ୍ରମ ରହିଛି। କର୍ତ୍ତାଭାବେ ଗଙ୍ଗାଧର ଦାସ ଓ ମୁଖ୍ୟ ପୂଜକଭାବେ ଶୁକୁଟା ପଣ୍ଡାଙ୍କ ସମେତ ଶ୍ୟାମସୁନ୍ଦର ମିଶ୍ର, ଶ୍ରୀଧର ମିଶ୍ର, ସିଦ୍ଧାର୍ଥ ଶଙ୍କର ମିଶ୍ର ଓ ଚିତରଞ୍ଜନ ମିଶ୍ର ପ୍ରମୁଖ ବେଦପଣ୍ଡିତ ଯଜ୍ଞ କାର୍ଯ୍ୟ କରୁଛନ୍ତି। ଶ୍ୟାମସୁନ୍ଦର ଦାସ, ଗୟାଧର ବଳ, ରାକେଶ ଦାସ, ରାଜେନ୍ଦ୍ର ବଳ, ରବୀନ୍ଦ୍ର ଦାସ, ମୁକୁନ୍ଦ ଦାସ, ପ୍ରଫୁଲ୍ଲ ବଳ, ବାବୁଲି ଦାସ, ଦେବେନ୍ଦ୍ର ଦାସ, ଶିବପ୍ରସାଦ ଦାସ ପ୍ରମୁଖ ସମସ୍ତ ଗ୍ରାମବାସୀ ପରିଚାଳନା କରୁଥିବା ଜଣାଯାଇଛି।

## କାନ୍ତ ସାହିତ୍ୟ ପରିଷଦ ପକ୍ଷରୁ ବିଷୁବ ମିଳନ



**ଧାମନଗର, ୧୩।୪(ସମିସ):** ଧାମନଗର ଏନଏସି ଅନ୍ତର୍ଗତ ସରକାରୀ ହାଇସ୍କୁଲ ପରିସରରେ ସ୍ଥାନୀୟ ଅଞ୍ଚଳର ବହୁ ପୁରାତନ ଅନୁଷ୍ଠାନ କାନ୍ତ ସାହିତ୍ୟ ପରିଷଦର ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ଏବଂ ଓଡିଆ ନବବର୍ଷ ଉପଲକ୍ଷେ ବିଷୁବ ମିଳନ ଅନୁଷ୍ଠିତ ହୋଇଯାଇଛି। ଅପରପକ୍ଷରେ ପରିଷଦର ସଭାପତି ରସାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି, ମନୋଜ କୁମାର ଜେନା, ଶିକ୍ଷାବିତ ହୃଦାନନ୍ଦ କର, ନିରାକାର ଧଳ, କବି ଦାମୋଦର ସାହୁ, ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ସାହିତ୍ୟିକ ସିଦ୍ଧେଶ୍ୱର ସାମଲ, ହୃଷୀକେଶ ପଣ୍ଡା ପ୍ରମୁଖ ଯୋଗ ଦେଇ ବିଷୁବ ସଂକ୍ରାନ୍ତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଧାମନଗର ହାଇସ୍କୁଲର ପ୍ରାକ୍ତନ ଛାତ୍ର, ପ୍ରଧାନ ଶିକ୍ଷକ ତଥା କାନ୍ତ ସାହିତ୍ୟ ପରିଷଦର ଉପଦେଷ୍ଟା ଦେବେନ୍ଦ୍ର କୁମାର ସ୍ୱାଇଁଙ୍କ ଅବର୍ତ୍ତମାନରେ ୨ମିନିଟ ନୀରବ ପ୍ରାର୍ଥନା ସହ ଆମର ଆତ୍ମାର ସଦଗତି କାମନା କରାଯାଇ ଥିଲା। ଶେଷରେ ସାମ୍ବାଦିକ ସୁଧାକର ଦାଶ ସମାରୋହର ଉପସ୍ଥିତ ଥିବା ଅତିଥି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ପାଳିତ



**ଭଣ୍ଡାରିପୋଖରୀ/ମଞ୍ଜୁରୀରୋଡ, ୧୩।୪(ସମିସ):** ମହାବିଷୁବ ସଙ୍କ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ବିଭିନ୍ନ ଦେବଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି। ଯଅ, ଛତୁଆ, ନଡ଼ିଆ, କଦଳୀ, ଗୁଡ଼, କର୍ପୁର ମିଶ୍ରିତ ପଣା ଓ ଆମ୍ବ ଭୋଗ ଦେବତାଙ୍କୁ ସମର୍ପିତ କରାଯାଇଛି। ନିଦାଘ ଗ୍ରୀଷ୍ମ ଋତୁର ଆରମ୍ଭ ହୋଇଥିବାରୁ ଚଉରା ଉପରେ ରୋପିତ ହୋଇଥିବା ପବିତ୍ର ତୁଳସୀ ଗଛ ଓ ଅନ୍ୟାନ୍ୟ ସ୍ଥାନରେ ଥିବା ବର, ଅଶ୍ୱସ୍ତ ଆଦି ବୃକ୍ଷମାନଙ୍କୁ ରୌଦ୍ରତାପରୁ ରକ୍ଷାକରିବା ପାଇଁ ଛିଦ୍ରଯୁକ୍ତ ମାଟିଠେକି ବନ୍ଧାଯାଇ ଜଳଅର୍ପଣ କରାଯାଇଛି। ବହୁ ସ୍ଥାନରେ ପଥିକମାନଙ୍କ ତୃଷା ନିବାରଣ ସକାଶେ ଜଳଛତ୍ର କେନ୍ଦ୍ରମାନ ସ୍ଥାପିତ ହୋଇଛି। ପ୍ରତ୍ୟେକ ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଛକମାନଙ୍କରେ, ଭଣ୍ଡାରିପୋଖରୀ ବଜାରରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଅନ୍ୟାନ୍ୟ ସ୍ଥାନରେ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ପକ୍ଷରୁ ଅନ୍ୟାନ୍ୟ ସ୍ଥାନରେ ଜଳଦାନ କେନ୍ଦ୍ର ସ୍ଥାପିତ ହୋଇ ତୃଷାର୍ତ୍ତ ପଥିକମାନଙ୍କୁ ଜଳଦାନ କାର୍ଯ୍ୟ ଆରମ୍ଭ ହୋଇଛି। ଭକ୍ତକୂଳତିଳକ ଶ୍ରୀ ଶ୍ରୀ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ କଳସ ଶୋଭାଯାତ୍ରା ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ମୁଢ଼ାପଦା ପ୍ରସିଦ୍ଧ ମହାବୀର ମନ୍ଦିର, ଛତାବର, ମଞ୍ଜୁରୀରୋଡ, ନାଆମୀ, ଥଇଲା, ରାଢୋ, ରହଣିଆ, ସରସଦା, କୁଲଣା, ବାରିକପୁର, ପାଟୁଳି, ଛତାବର, ଭଣ୍ଡାରିପୋଖରୀବଜାର, ରେବୋ, ମଣିନାଥପୁର, ନଗୁଆଁ, ସମେତ ବିଭିନ୍ନ ସ୍ଥାନରେ ଥିବା ହନୁମାନ ମୂର୍ତ୍ତି ଓ ଗ୍ରାମଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଛି। ନାମସଂକୀର୍ତ୍ତନ, ହୋମଯଜ୍ଞ, ପ୍ରବଚନ, ଶ୍ରୀରାମଚରୀତ ମାନସ ପାରାୟଣ ସହ ପ୍ରସାଦ ସେବନର ଆୟୋଜନ କରାଯାଇଛି। ବିଭିନ୍ନ ଗ୍ରାମଦେବତୀ ପୀଠ ସମେତ ଥଇଳା, ଚେକାସାଆନ୍ତାଣୀ, ମଞ୍ଜୁରୀରୋଡ ମା' ତାରେଣୀ ପୀଠରେ ବିଶେଷ ପୂଜାର୍ଚ୍ଚନା କରାଯାଇ ମେଳାର ଆୟୋଜନ କରାଯାଇଛି।

## ବିଭିନ୍ନ ସ୍ଥାନରେ ଖୋଲିଲା ଜଳଛତ୍ର



**ବନ୍ତ/ଆଗରପଡ଼ା, ୧୩।୪(ସମିସ):** ଓଡ଼ିଆ ନବ ବର୍ଷ ଓ ପବିତ୍ର ପଣା ସଂକ୍ରାନ୍ତି ଅବସରରେ ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ଖୋଲିଥିବା ଦେଖିବାକୁ ମିଳିଛି। କାଦବରାଙ୍ଗ ପଞ୍ଚାୟତ ବନ୍ତଳା ମହାବୀର ହନୁମାନ ପ୍ରାଙ୍ଗଣରେ ବ୍ଲକ ବିଜେଡ଼ି ଯୁବ ସଭାପତି କିଶୋର ରାଉତ, ମହେନ୍ଦ୍ର ରାଉତ, ଉଦୟ ରାଉତ, ମନୋଜ ବେଜ, ପପୁନ ବିଶ୍ୱାଳ, ରମେଶ ବେହେରା, ବିଜୟ ରାଉତ ପ୍ରମୁଖ ପଥଚାରୀଙ୍କୁ ଦହି ସର୍ବତ ଅର୍ପଣ କରିଥିଲେ। ବାଙ୍କତିରା ଠାରେ ଶ୍ରୀରାମ ସେନା ପକ୍ଷରୁ କାଳନ୍ଦୀ ଜେନା, ପରେଶ ନାୟକ, ପ୍ରଭାସ ଦାସ, ସଞ୍ଜୟ ନାୟକ ପ୍ରମୁଖ ଦହି ସର୍ବତ ଅର୍ପଣ କରିଥିଲେ। ସେହିପରି ସରମରା, ବଡ଼ବର୍ଚ୍ଚିକୟାଁ, ଜାମବଣୀ, ବରପଦା ଆଦି ଛକ ଠାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ଖୋଲା ଯାଇ ପଥଚାରୀଙ୍କୁ ଦହି ସର୍ବତ, ଥଣ୍ଡା ପାଣି ଆଦି ପ୍ରଦାନ କରାଯାଉଥିବା ଦେଖାଯାଇଥିଲା।

## ପୀଡ଼ିତାଙ୍କୁ ଭେଟିଲେ ଡାକ୍ତରୀ ଦଳ

**ବନ୍ତ/ଆଗରପଡ଼ା, ୧୩।୪(ସମିସ):** ଗତ ୧୨ତାରିଖ 'ଚିକିତ୍ସାରେ ଅର୍ଥାଭାବ ସାଜିଛି ବାଧକ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପଶଇବା ପରେ ଆଗରପଡ଼ା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ପୃଥିରାଜ ପଣ୍ଡାଙ୍କ ସମେତ ଫାର୍ମାସିଷ୍ଟ ଓ ଅନ୍ୟ କର୍ମଚାରୀ ପୀଡ଼ିତାଙ୍କ ଘରେ ପହଞ୍ଚି ତାଙ୍କ ସମସ୍ୟା ବିଷୟରେ ଅବଗତ ହେବା ସହ ଚିକିତ୍ସା ନିମନ୍ତେ ବିହିତ ପଦକ୍ଷେପ ନେବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ସରମରା ଗ୍ରାମର ରମେଶ ନାଇକଙ୍କ ଝିଅ ସତ୍ୟଭାମା। ବିବାହ ପରେ ସ୍ୱାମୀଙ୍କ ସହ ବେଙ୍ଗାଲୁର ଯାଇ ସେଠାରେ ଏକ ଘରେଇ କଂପାନୀରେ କାର୍ଯ୍ୟକରୁଥିଲେ। ଦିନେ ଶୋଷ ଲାଗିବାରୁ ଭୂଲରେ ଏସିଡ୍ ପାଣିକୁ ପିଇବା ପାଣି ଭାବି ପିଇ ଦେଇଥିଲା। ପରେ ତାଙ୍କର ପେଟ ଓ ଛାତିରେ ଅସହ୍ୟ ଯନ୍ତ୍ରାଣା ହେବାରୁ ସ୍ୱାମୀ ସତ୍ୟଜିତ ତାଙ୍କୁ ବେଙ୍ଗାଲୁରରେ ଚିକିତ୍ସାକରାଇ ଥିଲେ। ସେଠାରୁ ତାଙ୍କୁ ତାଙ୍କ ଘରକୁ ନେଇ ଆସିଛନ୍ତି। ଦିନ ମଜୁରିଆ ପିତା ମାତା ଝିଅର ଏପରି ଅବସ୍ଥା ଦେଖି ନିଜର ଜମିକୁ ବିକ୍ରୟ କରିବା ସହ ବହୁ ଲୋକଙ୍କ ପାଖରୁ ଧାର କରଜ କରି ତାଙ୍କୁ ଭୁବନେଶ୍ୱର ଏମସ୍ ଓ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରିଥିଲେ। ଡାକ୍ତର ଚିକିତ୍ସା କରିବା ସହ ଏସିଡ଼ ପ୍ରଭାବରେ ସତ୍ୟଭାମାର ଖାଦ୍ୟ ନଳି ନଷ୍ଟ ହୋଇଥିବାର ପ୍ରକାଶ କରିବା ସହ ଉପଯୁକ୍ତ ଚିକିତ୍ସା ପାଇଁ ବହୁ ଅର୍ଥର ଆବଶ୍ୟକତା ଥିବା ଜଣାଇଛନ୍ତି। ବର୍ତ୍ତମାନ ଶଯ୍ୟାଶାୟୀ ସତ୍ୟଭାମା ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଦିନ ମଜୁରିଆ ପିତାମାତା ଝିଅର ଚିକିତ୍ସା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଆର୍ଥିକ ସହାୟତା ପାଇଁ ନିବେଦନ କରିଛନ୍ତି।

ସକାଳ ପ୍ରଭାବ

# କଲ୍ୟାଣୀରେ ପାଟୁଆ ଘଟଯାତ୍ରା



**ଅସୁରାଳି, ୧୩।୪(ସମିସ):** ଧାମନଗର ବ୍ଲକ କଲ୍ୟାଣୀ ପଞ୍ଚାୟତରେ ପାଟୁଆ ଘଟ ଯାତ୍ରା ପାଳନ ହୋଇଯାଇଛି। ସର୍ବେପ୍ରଥମେ ମା' ମଙ୍ଗଳା ଗ୍ରାମ ପରିକ୍ରମା କରିଥାନ୍ତି। ପରେ ନିଶା ଘଣ୍ଟ ଦିନ ରାତ୍ର ୨ ଘଟିକା ସମୟରେ ଘଟରେ ମାନସିକଧାରୀ ମାନେ ଘଟ ଉପରେ ଚାଉଳ ଭରି ଗୁଆ ଆମ୍ବ ପଇସା ହରିଡ଼ା ବାହାଡା ଶଙ୍ଖା ସିନ୍ଦୁର ପାଞ୍ଚି ଦେଇ ପୂଜା ଅର୍ଚ୍ଚନା କରିଥାନ୍ତି। ମାସନ୍ତ କଣ୍ଟା ଦିନ ମା'ଜାଗୁଳାଇ ପୀଠରେ ମାସନ୍ତ ଦିନ ରାଉଷଣ କଣ୍ଟା ଯାହା କି ଲୁହାର କଣ୍ଟା ଉପରେ ସାତ ଦୀପ ଜଳୁଥାଏ। ଜିଭରେ ମାରି ରାଉଷଣ ପୀଠଠାରୁ ବଉଳ ଗଛ ପର୍ଯ୍ୟନ୍ତ ଘଣ୍ଟ ଘଣ୍ଟା ହରିବୋଲ ହୁଳହୁଳି ବାଦ୍ୟ ତୁରୀରେ ପ୍ରକମ୍ପିତ ହୋଇଉଠେ ମା'ଜାଗୁଳାଇ ଦାଣ୍ଡ। ପୁରୀ ଘଣ୍ଟ ଦିନ ମା'ସାତ ଠାକୁରାଣୀ କାଳସୀ ନାଚ ଏହା ପର୍ବର ମୁଖ୍ୟ ଆକର୍ଷଣ ହୋଇଥାଏ। ସଂକ୍ରାନ୍ତି କଣ୍ଟା ରାଉଷଣ ଚଡ଼ଢ଼କ ଉପରେ ସାଣ ଦିଆ ଖଣ୍ଡା ଉପରେ ଛିଡା ହୋଇ ଗ୍ରାମ ଭ୍ରମଣ କରନ୍ତି ଏହା ରୁପାର କଣ୍ଟା ହୋଇଥାଏ। ଏ ଘଣ୍ଟ ଯାତ୍ରା ବହୁ ପୁରାତନ ସୂଚନା ଅନୁଯାଇ ଏହା ଜମିଦାରମାନେ ଗ୍ରାମର କଲ୍ୟାଣ ଓ ବିଶ୍ୱର ଶାନ୍ତି ନିମନ୍ତେ ଆରମ୍ଭ କରିଥିଲେ।

## କଳାକନା ବୁଲାଇ ଦେଲେ ଚୋର

**ତିହିଡି, ୧୩।୪(ସମିସ):** ଘରେ କେହିନଥିବା ବେଳେ କଳାକନାବାହା ବୁଲାଇଦେଲେ ଚୋର। ଏହି ଘଟଣା ଘଟିଛି ପୀରହାଟ ଥାନାଧିନ କମାରିଆର ଗାଁରେ। ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ନିକଟସ୍ଥ ଶରତ କୁମାର ପଣ୍ଡାଙ୍କ ଘରୁ ଚୋରି ହୋଇଛି। ଆସବାବପତ୍ର ସମେତ ଅଳଙ୍କାର ଏପରିକି ପିଲାଙ୍କ ଖେଳନା ପର୍ଯ୍ୟନ୍ତ ଚୋରି ହୋଇଯାଇଛି। ଅଭିଯୋଗ ଅନୁଯାୟୀ ଏହି ଚୋରୀରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ନଗଦ୍ ଟଙ୍କା ମଧ ଚୋରି ହୋଇଛି। ୬ଟି ଆଲମିରା ଭାଙ୍ଗିବା ସହିତ ୮ଟି ତାଲା ଭଙ୍ଗାଯାଇଛି। ଚୋରମାନେ ଘରର ମୁଖ୍ୟ ଫାଟକ ନଭାଙ୍ଗି ବାଡ ଡେଇଁବା ପରେ ମୁଖ୍ୟ ଦ୍ୱାରର ତାଲା ଭାଙ୍ଗିବା ପରେ ୪ଟି ଗୃହର ତାଲା ଭାଙ୍ଗିଥିଲେ। ଚୋରିର ପ୍ରମାଣ ନଷ୍ଟ କରିବା ଲାଗି ସିସିଟିଭିର ହାର୍ଡ଼ ଡିସ୍କକୁ ଭାଙ୍ଗି ନେଇଯାଇଛନ୍ତି। ଶରତ ତାଙ୍କ ପରିବାର ସହ କୋଲକାତାରେ ରୁହନ୍ତି। ୧୩ ତାରିଖ ସକାଳେ ଆସି ଦେଖନ୍ତିତ ଏପରି ଚୋରି ହୋଇଛି। ଏନେଇ ସେ ପୀରହାଟ ଥାନାରେ ଏତଲା ଦେବା ସହିତ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ଦାବି କରିଛନ୍ତି। ପ୍ରାଥମିକ ସ୍ତରରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ସନ୍ଧାନୀ କୁକୁର ଜରିଆରେ ଅଧିକ ତଦନ୍ତ କରାଯିବ ବୋଲି ସୂଚନା ମିଳିଛି।

## ପକ୍ଷୀ ରାଣୀଙ୍କ ଅଭିଯାନ ଆରମ୍ଭ



**ବାରିକପୁର, ୧୩।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ପକ୍ଷୀରାଣୀ ଭାବେ ପରିଚିତ କୁନି ସମାଜ ସେବୀ ମାମାଲୀ ପଣ୍ଡା ଆଜି ଠାରୁ ତାଙ୍କର ପାରମ୍ପରିକ ସେବା ଅଭିଯାନ ଆରମ୍ଭ କରିଛନ୍ତି। ସବୁ ବର୍ଷ ଭଳି ଚଳିତ ବର୍ଷ ପ୍ରଚଣ୍ଡ ରୌଦ୍ରତାପକୁ ଆଖି ଆଗରେ ରଖି ମାମାଲୀ ପଶୁ ପକ୍ଷୀ ମାନଙ୍କ ପାଇଁ ଆଗକୁ ପାଦ କାଢିଛି। ନିଜ ଗାଁ ସରପଦା ନିକଟ ୩ନମ୍ବର କେନାଲ ବନ୍ଧ ବୃକ୍ଷ ଗୁଡିକରେ ପକ୍ଷୀ ମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରିଛନ୍ତି। ଏହାଛଡା ଗଛ ମୂଳରେ ବୁଲା ଗୋରୁ ଗାଈ ମାନଙ୍କ ପାଇଁ ମଧ ଖାଦ୍ୟ ପାନୀୟ ବ୍ୟବସ୍ଥା କରିଛନ୍ତି। ବିଭିନ୍ନ ସାମାଜିକ କାର୍ଯ୍ୟ ସହିତ ଗ୍ରୀଷ୍ମ ଋତୁରେ ଦୀର୍ଘ ଚାରି ବର୍ଷ ହେବ ଗଛ ଡାଳରେ ପକ୍ଷୀ ମାନଙ୍କ ପାଇଁ ଖାଦ୍ୟ ପାନୀୟ ବ୍ୟବସ୍ଥା କରି ମାମାଲୀ ପକ୍ଷୀ ରାଣୀ ଭାବେ ପରିଚିତ ହୋଇଛନ୍ତି। ଏତିକିରେ କୁନି ସମାଜ ସେବୀ ଅଟକି ଯାଇ ନାହାନ୍ତି।ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ମାମାଲୀ ଛତଓ୍ୱର ଟୋଲ ଗେଟ ଠାରେ ପହଞ୍ଚି ତୃଷାର୍ତ୍ତ ଗାଡି ଚାଳକ ଓ କର୍ମଚାରୀ ମାନଙ୍କୁ ଗ୍ଲୁକୋଜ ମିଶ୍ରିତ ପାନୀୟ ଜଳ ବିତରଣ କରିଛନ୍ତି।ଏହାଛଡା ଅରେଇକଣା ଅଗ୍ନି ବିପନ୍ନଙ୍କ ପାଖରେ ପହଞ୍ଚି ସମବେଦନା ଜଣାଇବା ସହ ସୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।ବାସଗୃହ ହରାଇଥିବା ଗୃହସ୍ଥ ମାନଙ୍କୁ ସରକାରଙ୍କ ପକ୍ଷରୁ ଘର ଯୋଗାଇ ଦେବାକୁ ମଧ ନିବେଦନ କରିଛନ୍ତି। ଛୋଟ ବୟସରେ ମାମାଲିଙ୍କ ଏତାଦୃଶ କାର୍ଯ୍ୟ ବୃଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି।

# ବିଜେଡି ତରଫରୁ ଡିଗି ପାର୍କରେ କର୍ମୀ ବୈଠକ



**ଧାମନଗର, ୧୩।୪(ସମିସ):** ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟ କରିବା ପାଇଁ ଧାମନଗର ଏନଉଏସି ତରଫରୁ କର୍ମୀ ବୈଠକ ନଗର ବିଜେଡି ସଭାପତି ସୁଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀରେ ପ୍ରାକ୍ତନ ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ଏନଏସି ଅଧକ୍ଷା ନିବେଦିତା ଜେନା, ଉପାଧକ୍ଷ ଓ୍ୱସିମ ଏଜଦାନି କାଦରି, ସାଂସଦ ପ୍ରତିନିଧି ଜଗଦୀଶ ପାତ୍ର, ନଗର ଯୁବ ସଭାପତି ସେକ ସୈଫୁଦ୍ଦିନ, ଛାତ୍ର ସଭାପତି ତୁଷାର କାନ୍ତ ମହାପାତ୍ର, ବିଜେଡି ନେତା ଲମ୍ବୋଦର ଜେନା, କୃଷ୍ଣଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ବିଜୟ ବେହେରା, କୁମାରେଶ ବଳଭଦ୍ର ଖିଲାର, ଏମଡି ଖଲିଉଲ୍ଲା, ସେକ ସମସୁଦ୍ଦିନ, ସେକ କାଲୋ, ଅମରଜ୍ୟୋତି ଜେନା, ଦୀପକ ରାମ, ଏମଡି ଇଜହାର, ସେକ କାଦର, ରମେଶ ଚନ୍ଦ୍ର ଯେନା, ସେକ ଜାହାଙ୍ଗିର, ବିଶ୍ୱରଞ୍ଜନ ଘଡେଇଙ୍କ ସମେତ ୧୧ଟା ଓ୍ୱାର୍ଡ ମଧ୍ୟରୁ ସମସ୍ତ ଦଳୀୟ କାଉନସିଲର ଓ ତାଙ୍କ ପ୍ରତିନିଧି, ପ୍ରତ୍ୟେକ ଓ୍ୱାର୍ଡରୁ ୨୦ଜଣ ଲେଖାଏଁ ଛାମୁଆ ଦଳୀୟ କର୍ମୀ ପ୍ରମୁଖ ଯୋଗ ଦେଇଥିଲେ।

## ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ

**ଭଦ୍ରକ, ୧୩।୪(ସମିସ):** ଭଦ୍ରକ ବିଧାନସଭା ସ୍ତରୀୟ ବିଜେପି ପାର୍ଟି ଅଫିସ୍ ଉଦ୍‌ଘାଟିତ ହୋଇଯାଇଛି। କୁଆଁସସ୍ଥିତ ସିଦ୍ଧି ବିନାୟକ ମନ୍ଦିର ନିକଟରେ ଏହି କାର୍ଯ୍ୟାଳୟକୁ ଆଜି ଭଦ୍ରକ ଲୋକସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ଭଦ୍ରକ ବିଧାନସଭା ପ୍ରାର୍ଥୀ ସୀତାଂଶୁଶେଖର ମହାପାତ୍ର ଫିତା କାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହାପରେ କାର୍ଯ୍ୟାଳୟର ସମ୍ମିଳନୀ ତା ଓ କର୍ମୀଙ୍କ ଗହଣରେ କକ୍ଷରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଶ୍ରୀ ସେଠୀ, ସମ୍ମାନିତ ଅତିଥି ଭାବେ ଶ୍ରୀ ମହାପାତ୍ରଙ୍କ ସମେତ ତୁଷାର ଜେନା, ମହେଶ୍ୱର ଦୀକ୍ଷିତ, ବିଦ୍ୟାଧର ସାହୁ, ମଣ୍ଡଳ ସଭାପତି ପ୍ରଭାକର ସାମଲ, ଆଦିକନ୍ଦ ନାୟକ, ଗଦାଧର ଖାମୁରାଇ, ଉତମ ପାତ୍ର, ବିକାଶ ପାଢ଼ୀ, ଶ୍ରାବଣୀ କିନ୍ନର ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟରେ ରଖିଥିଲେ।

## ମହାବିଷୁବରେ ଦେବୀ ପୀଠ ଚଳଚଞ୍ଚଳ

**ଅସୁରାଳି, ୧୩।୪(ସମିସ):** ଓଡ଼ିଆ ନୂତନ ବର୍ଷର ଏହା ପ୍ରଥମ ସଂକ୍ରାନ୍ତି। ଏହାକୁ ପଣା ସଂକ୍ରାନ୍ତି ବା ଜଳ ସଂକ୍ରାନ୍ତି ଅବସରରେ ବିଭିନ୍ନ ଅଞ୍ଚଳରେ ଯଥା ଗୋବିନ୍ଦପୁର, କୋଠାର, ଅସୁରାଳି, ନଦୀଗାଁ, ଧୂଷୁରୀ, ରଇପୁର, ହସନାବାଦ ଆଦି ଦେବା ଦେବୀ ପୀଠ ତଥା ଗୋବିନ୍ଦପୁରର ମା' ବୁଢୀ ଜାଗୁଳାଇ, ସାହାସପୁରର ମା' ବୁଢୀ କାଳିନ୍ଦୀ ଦେବୀ, ନେତ୍ର ପୀଠ ମା' ବରୁଣାଇ ଠାକୁରାଣୀ, ହସନାବାଦ୍‌ର ମା' ଅନନ୍ତ ଭୁଜା, ପଙ୍ଗଡାର ମା' ନାରାୟଣୀ ପୀଠ, ଅର୍ଜୁନପୁରର ମା' କୋଚିଲା ନାୟକାନି ପୀଠ, ଧୁଷୁରୀର ମା' ଉଗ୍ରତାରା ପୀଠ, କୋରୁଆର ମହାବୀର ମନ୍ଦିର ଓ ଅନ୍ୟାନ୍ୟ ଦେବାଳୟ ଠାରେ ପୂଜାର୍ଚ୍ଚନା କରାଯାଇ ଅଛି। ଏହା ଛଡ଼ା ବିଭିନ୍ନ ସ୍ଥାନ ରେ ପାଟୁଆ ଯାତ୍ରା ଓ ମେଳା ଅନୁଷ୍ଠିତ ହୋଇଥାଏ।

# ଗ୍ରାମ୍ୟ ଉନ୍ନୟନ ରାସ୍ତା ଶୋଚନୀୟ

**ବନ୍ତ/ଆଗରପଡ଼ା, ୧୩/୪(ସମିସ)**

ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ମଙ୍ଗୁଲି ଠାରୁ ଗଣିଜାଙ୍ଗ ଭାୟା ଗୋପାଳପୁର, ଆମ୍ବଗଢ଼ିଆ ଯାଇଥିବା ୮.୫୦୦ କିମି ଦୂରତ୍ୱ ବିଶିଷ୍ଟ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ରାସ୍ତାରୁ ପିଚୁ ଉଠି ଏବେ ଏହା ଖାଲଖମାରେ ପରିଣତ ହୋଇଛି। ବର୍ଷାଦିନେ ରାସ୍ତାରେ ପାଣି ଜମି ରହିବା ସହ ଗ୍ରୀଷ୍ମ ଋତୁରେ ଧୂଳି ସୃଷ୍ଟି ହେଉଛି। ଫଳରେ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ଠାରୁ ବୃଦ୍ଧ ବୃଦ୍ଧା ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉକ୍ତ ଅଞ୍ଚଳପଳ ପାଇଁ ମୁଖ୍ୟ ରାସ୍ତାଥିବାରୁ ଏହା ସାବିତ୍ରୀ ପୀଠ, ଓଡ଼ଙ୍ଗ, ଆଗରପଡ଼ା, ଟିଲୋ, କାଦବରାଙ୍ଗ ଓ ଅନ୍ୟଏକ ପାର୍ଶ୍ୱ ଗୋପାଳପୁର, ଗଣିଜାଙ୍ଗ ଦେଇ ମୁଖ୍ୟ ରାସ୍ତାକୁ ସଂଯୋଗ କରିଛି। ଉକ୍ତ ରାସ୍ତା ବିଭିନ୍ନ ସ୍ଥାନକୁ ସଂଯୋଗ କରିଥିବାରୁ ଓ ଉକ୍ତ ଅଞ୍ଚଳର ଚାଷୀମାନେ ବହୁପରିମାଣରେ ପରିବା ଚାଷ କରୁଥିବାରୁ ବିଭିନ୍ନ ଅଞ୍ଚଳର ଚାଷୀଙ୍କ ସହ ଜନସାଧାରଣ ମାନେ ସମସ୍ୟାରେ ସମ୍ମୁଖିନ ହେଉଛନ୍ତି। ଉକ୍ତ ରାସ୍ତା ଦେଇ ମଧ ବହୁସଂଖ୍ୟାରେ ଦୁଇଚକିଆ ଓ ଚାରିଚକିଆ ଯାନବାହାନ ଯାତାୟତ କରିଥାଏ। ଉକ୍ତ ରାସ୍ତା ଦେଇ ଲୋକେ ମୁଖ୍ୟ ରାସ୍ତାରେ ପହଁଚିବା ସହ ଜିଲ୍ଲା ଓ ବ୍ଲକ ସଦର ମହକୁମାକୁ ଯାତାୟତ କରିଥାନ୍ତି। ବର୍ଷା ରୁତୁ ରେ ପିଲା ମାନେ ବିଦ୍ୟାଳୟ ଯିବା ସହ ଅନ୍ୟାନ୍ୟ ପଥଚାରୀ ସମସ୍ୟାରେ ପଡ଼ିଥାନ୍ତି। ଜରୁରୀ ସ୍ଥିତିରେ ଦମକଳ କିମ୍ବା ଆମ୍ବୁଲାନ୍ସ ଯାତାୟତରେ ସମସ୍ୟା ସାଜୁଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତା ର ଅବସ୍ଥା ଏପରି ହୋଇଥିବାର କୁହାଯାଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନକୁ ଯାଇଥିବା ରାସ୍ତାରେ ଫଳକ ଲଗାଯାଉଥିଲେ ମଧ ରାସ୍ତାର ଅବସ୍ଥା ପ୍ରତି ଗୁରୁତ୍ୱ ଦେଉନଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଉଛି। ରାସ୍ତା ପ୍ରତି ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଇ ମରାମତି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



## ୧୬ରୁ ବାରବାଟୀ ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭା

କୁଦଳ, ୧୩।୪(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ପଞ୍ଚାୟତସ୍ଥ ବାରବାଟୀ ପଡ଼ିଆରେ ଐତିହାସିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭା ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୧୬ ତାରିଖ ମଙ୍ଗଳବାର ପବିତ୍ର ଅଶୋକାଷ୍ଟମୀ ଅବସରରେ ଏହି ମହାଯଜ୍ଞର ଶୁଭାଧିବାସ ହୋଇ ଏକ ସପ୍ତାହ ବ୍ୟାପି ଚୈତ୍ରପୂର୍ଣ୍ଣିମା ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୋଇ ମହାଯଜ୍ଞର ପୂର୍ଣ୍ଣାହୁତି ହେବ। ପ୍ରତ୍ୟହ ଏହି ଯଜ୍ଞ ଉତ୍ସବରେ ବିଭିନ୍ନ ସାଧୁସନ୍ଥଙ୍କ ଦ୍ୱାରା ସାଧୁବଚନ, ପ୍ରବଚନ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭଜନ ସମାରୋହ, ଓଡ଼ିଶୀ ନୃତ୍ୟ ପରିବେଶଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁ ବହୁ ସଂଖ୍ୟାରେ ଯୋଗଦେଇ ବିଭୁକୃପା ଲାଭ କରିବା ପାଇଁ ବାରବାଟୀ ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭାର ସମସ୍ତ କର୍ମକର୍ତ୍ତା ଓ ସଭ୍ୟବୃନ୍ଦ ନିବେଦନ କରିଛନ୍ତି।

## ମହାବିଷୁବ ସଂକ୍ରାନ୍ତି ପାଳନ

ବ୍ୟାସନଗର, ୧୩।୪(ସମିସ): ବ୍ୟାସନଗର ସହରର ଦଳାସ୍ଥ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ସନ୍ନିକଟ ମା' ତାରିଣୀ ମନ୍ଦିରରେ ଶନିବାର ଓଡ଼ିଆ ନବବର୍ଷ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ମନ୍ଦିର କମିଟି ଆନୁକୂଲ୍ୟରେ ଗୋପୂଜା, ସୂର୍ଯ୍ୟପୂଜା କରାଯିବା ସହିତ ଘଟ କଳସ ସ୍ଥାପନ କରାଯାଇ ବିଧି ଅନୁଯାୟୀ ମା' ତାରିଣୀଙ୍କ ଷୋଡ଼ଶ ଉପଚାର ପୂଜା କରାଯାଇଛି। ବେଦଜ୍ଞ ବ୍ରାହ୍ମଣଙ୍କ ଉପସ୍ଥିତିରେ ପୂଜା କର୍ଯ୍ୟ ଖୁବ୍ ଆଡ଼ମ୍ବରରେ ସମାପିତ ହୋଇଛି। କର୍ତ୍ତାଙ୍କ ଉପସ୍ଥିତରେ ପୂଜା କାର୍ଯ୍ୟ କରାଯିବା ସହିତ ଯଜ୍ଞ କାର୍ଯ୍ୟ ସମାପିତ ହୋଇଛି।

## ଜିଲ୍ଲା କଂଗ୍ରେସ ଲୋକସଭା ପର୍ଯ୍ୟବେକ୍ଷକଙ୍କ ଦ୍ୱିତୀୟ ପର୍ଯ୍ୟାୟ ଗସ୍ତ




ଯାଜପୁର, ୧୩।୪ (ସମିସ): ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ ଯାଜପୁର ଜିଲ୍ଲା ଲୋକସଭା ପର୍ଯ୍ୟବେକ୍ଷକ ଅମିତା ଆଚାର୍ଯ୍ୟ ଦ୍ୱିତୀୟ ପର୍ଯ୍ୟାୟରେ ଯାଜପୁର ଗସ୍ତରେ ଆସିଛନ୍ତି। ବାକି ଥିବା ବରୀ, ସୁକିନ୍ଦା, ଧର୍ମଶାଳା, ବ୍ୟାସନଗରରେ ନେତୃମଣ୍ଡଳୀ ଓ କର୍ମୀଙ୍କୁ ଡାକି କଂଗ୍ରେସର ସଂଗଠନ ଉପରେ ଆଲୋଚନା କରିବା ସହ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ଗ୍ୟାରେଣ୍ଟି କାର୍ଡକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଅନୁରୋଧ କରିଥିଲେ। ଏ ଅବସରରେ କିଷାନ ପଣ୍ଡା, ଆରତୀ ଦେଓ, ଗଣେଶ୍ୱର ଦାସ, ଦୁର୍ଯ୍ୟୋଧନ ବେହେରା, ଭାସ୍କର ମହାନ୍ତି, ଭରତ ବେହେରା, ସଂଗ୍ରାମ ଜେନା, ସୁଦୀପ କର, ଆଲୋକ ବେହେରା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରକ୍ତଦାନ ଶିବିର; ୩୧ ୟୁନିଟ୍ ସଂଗୃହୀତ

ପ୍ରୀତିପୁର, ୧୩।୪ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ନଛିପୁର ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମା' ଥାନାପତୀ ଯୁବକ ସଂଘ ଆନୁକୂଲ୍ୟରେ ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ଉପଲକ୍ଷେ ଗ୍ରାମ ଦେବତୀଙ୍କ ବାର୍ଷିକ ପୂଜା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ଋତୁରେ ଅଧିକ ରକ୍ତ ସଂକଟ ଦେଖାଦେଇଥାଏ। ଫଳରେ ଅନେକ ରୋଗୀ ରକ୍ତ ଅଭାବରୁ ହନ୍ତସନ୍ତ ହୋଇଥା'ନ୍ତି। ମୁଖ୍ୟତଃ ଗ୍ରୀଷ୍ମଋତୁରେ ରକ୍ତ ଅଭାବ ଦୂର କରିବା ପାଇଁ ଯୁବ ସଂଘ ପକ୍ଷରୁ ଏହି ରକ୍ତଦାନ ଶିବିରର ଆୟୋଜିତ ହୋଇଥିଲା। ଯୁବକ ସଂଘ ସଭାପତି ଶତ୍ରୁଜିତ୍ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ରକ୍ତଦାନ ଶିବିର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ନାଗରିକ ସୁରେନ୍ଦ୍ର ଦାସ, ଶିକ୍ଷାବିତ୍ ସୁବାସ ଚନ୍ଦ୍ର ସ୍ୱାଇଁ, ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ତଥା ରକ୍ତଭଣ୍ଡାରର ଉପଅଧିକାରୀ ଡା. ସୁଜିତ ମନହର ସ୍ୱାଇଁ, ପାର୍ଥସାରଥି ପୁହାଣ, ଶିବ ସାହୁ, ଅଜୟ କୁମାର ଜେନା, ସୀତାଂଶୁ କୁମାର ସ୍ୱାଇଁ, ନବୀନ ଚାନ୍ଦ ସେଠୀ, ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୩୧ ୟୁନିଟ୍ ସଂଗୃହୀତ ହୋଇଥିଲା। ବିକାଶ ସାହୁ, ପ୍ରକାଶ ଚନ୍ଦ୍ର ରାଉତ, ସତ୍ୟକାନ୍ତ ଗୁରୁ, ସଞ୍ଜୟ ସାହୁ, ମୁକେଶ ଗୁରୁ, ନବକିଶୋର ଦାସ, ସୌରଭ ରଞ୍ଜନ ନାୟକ, ସତ୍ୟଜିତ ଗୁରୁ, ଜ୍ୟୋତି ପ୍ରକାଶ ଗୁରୁ, ସୌଭାଗ୍ୟ ରଞ୍ଜନ ନାୟକ, ବିଜେଶ ସାହୁ, ସ୍ୱରାଜ ଦାସ, ଲିଟୁ ମଲ୍ଲିକ, ପ୍ରିୟରଞ୍ଜନ ସାହୁ, ଆଶୁତୋଷ ସାମଲ, ଆୟୁଷ ସାମଲ, ସୌଭାଗ୍ୟ ସାମଲ, ସୌରଭ ପରିଡ଼ା, ଚନ୍ଦ୍ରକାନ୍ତ ସାମଲ, ଅଲିଭା ସେଠୀ, ଶୁଭାଶିଷ ନାୟକ, ପଙ୍କଜ ଗୁରୁ, ଶୁଭକାନ୍ତ ଗୁରୁ, ଜ୍ୟୋତି ରଞ୍ଜନ ପତି, ଦୀପକ ସାହୁ, ପ୍ରଦୀପ ସେଠୀ, ସୌମ୍ୟାରାଣୀ ନାୟକ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଯୁବ ସ୍ୱେଚ୍ଛାସେବୀ ବିଶ୍ୱଜିତ ସେଠୀ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମା' ଥାନପତୀ ଯୁବକ ସଂଘର ସମସ୍ତ ସଦସ୍ୟଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।



### ଆରମ୍ଭ ହେଲା ପ୍ରସିଦ୍ଧ ସିଂହାପୁର ଯାତ୍ରା

# ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ ନାରାୟଣ ଗୋସେଇଁ



ବାରବାଟୀ, ୧୩।୪(ସମିସ)

ଆଜିଠାରୁ ଆରମ୍ଭ ହୋଇଛି ଯାଜପୁର ଜିଲ୍ଲାର ପ୍ରସିଦ୍ଧ ସିଂହାପୁର ଯାତ୍ରା। ସ୍ଥାନୀୟ ବାରବାଟୀ ପଞ୍ଚାୟତରେ ଅନୁଷ୍ଠିତ ଏହି ସିଂହାପୁର ଯାତ୍ରା ପାଇଁ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଯାଇଛି। ହଜାର ହଜାର ଶ୍ରଦ୍ଧାଳୁଙ୍କ ହୁଳହୁଳି ଓ ହରିବୋଲ ଧ୍ୱନିରେ ପ୍ରକମ୍ପିତ ହେଉଛି ଗଗନ ପବନ। ପ୍ରତିବର୍ଷ ପବିତ୍ର ପଣାସଂକ୍ରାନ୍ତିଠାରୁ ୩ ଦିନ ପର୍ଯ୍ୟନ୍ତ ପ୍ରଭୁ ନାରାୟଣ ଗୋସେଇଁ ମଧୁତୀର୍ଥ ପୁଷ୍କରିଣୀରୁ ବାହାରକୁ ଆସି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର ପରମ୍ପରା ରହିଛି।

ଆଜି ସକାଳ ୭ଟା ୧୫ରେ ମହାପ୍ରଭୁ ଶ୍ରୀଶ୍ରୀ ନାରାୟଣ ଗୋସାଇଁଙ୍କୁ ମଧୁତୀର୍ଥ ପୁଷ୍କରିଣୀରୁ ପାରମ୍ପାରିକ ପୂଜାର୍ଚ୍ଚନା ପରେ ଘଣ୍ଟ ଘଣ୍ଟା ବଜାଇ ପୁଷ୍କରିଣୀ କୂଳକୁ ଅଣାଯାଇଥିଲା। ପରମ୍ପରା ଅନୁସାରେ ଶ୍ରୀଜୀଉଙ୍କ ଜଳ ଉଧାନ ସମୟରେ ନାରାୟଣ ଗୋସାଇଁଙ୍କ ଚଳନ୍ତି ପ୍ରତୀମା ଭାବେ ପୂଜା ପାଉଥିବା ମଦନମୋହନଜୀଉ ବିମାନରେ ପୁଷ୍କରିଣୀ କୂଳକୁ ଆସିଥିଲେ। ମଧୁପୁରଗଡ଼ ରାଜଜେମା ଅପର୍ଣ୍ଣା ସିଂ ଧୀରଭରଦ୍ୱାଜ ଓ ରାଜପୁରୋହିତ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଏହାପରେ ନାରାୟଣ ଗୋସେଇଁଙ୍କୁ ପୁଣି ପାଣିରେ ଚାପ ଖେଳାଇ ସେବାୟତମାନେ ମନ୍ଦିରକୁ ନେଇ ସେଠାରେ ସ୍ଥାପନା କରିଥିଲେ।

କିମ୍ବଦନ୍ତି ଅନୁଯାୟୀ ୧୫୫୮ରେ କଳାପାହାଡ଼ ଆକ୍ରମଣରୁ ରକ୍ଷା ପାଇବା ପାଇଁ ପ୍ରଭୁଙ୍କୁ ଏହି ମଧୁତୀର୍ଥ ପୁଷ୍କରିଣୀରେ ଭକ୍ତମାନେ ଲୁଚାଇ ରଖିଥିଲେ। ପ୍ରଭୁ ପୁଷ୍କରିଣୀରୁ ବାହାରିବା ପରେ ୩ ଦିନ ଧରି ବିଭିନ୍ନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥା'ନ୍ତି। ଏ ଅବସରରେ ମନ୍ଦିର ପରିସରରେ ଯଜ୍ଞ ଓ ଅନ୍ୟାନ୍ୟ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗତବର୍ଷଠାରୁ ମେଳାକୁ ୩ ଦିନ ପରିବର୍ତ୍ତେ ୫ ଦିନ କରାଯାଉଛି। ଆଜି ସକାଳୁ ନାରାୟଣ ଗୋସାଇଁଙ୍କ ଜଳ ଉଧାନ ଦେଖିବାକୁ ପୁଷ୍କରିଣୀ ଚାରି ପାଖରେ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ସିଂହାପୁର ଯାତ୍ରା କମିଟି ସଭାପତି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉପସ୍ଥିତ ରହି ନାରାୟଣ ଗୋସେଇଁଙ୍କୁ ଦର୍ଶନ କରିଥିଲେ। ଏଥିସହିତ କମିଟିର କାର୍ଯ୍ୟକାରୀ ସଭାପତି ଭୀଷ୍ମ ପ୍ରସାଦ ରଥ, ରସୁଲପୁର ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ, ସିଂହାପୁର, କଳଣ, ଓଡ଼ିଶୋ ଓ ବାରବାଟୀ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଯାତ୍ରାକୁ ପରିଚାଳନା କରିଥିଲେ।



ପ୍ରଭୁଙ୍କୁ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼



ଚଳିତ ବର୍ଷ ମହାପ୍ରଭୁଙ୍କ ପାଇଁ ୭୦ ଫୁଟ ଉଚ୍ଚର ଏକ ସୁଦୃଶ୍ୟ ମନ୍ଦିର ନିର୍ମିତ ହୋଇଛି। ଏଥିସହିତ ଏଠାରେ ଯାତ୍ରା କମିଟି ପକ୍ଷରୁ ୨୦ ଜଣ ବ୍ରାହ୍ମଣ ବାଳକଙ୍କ ଗଣ ବ୍ରତୋପନୟନ କରାଯାଇଛି। ମନ୍ଦିର ତଳ ମହଲାରେ ଯାତ୍ରୀ ବିଶ୍ରାମାଗାର ସହିତ ଉଭୟ ପାର୍ଶ୍ୱରେ ଦେବୀ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ମନ୍ଦିର ରହିଛି। ଏହି ମନ୍ଦିର ଗତକାଲି ପୁରୀ ମୁକ୍ତି ମଣ୍ଡପର ବିଶିଷ୍ଟ ପଣ୍ଡିତ ବିଶ୍ୱମ୍ଭର ମିଶ୍ରଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଥିଲା। ଚଳିତ ବର୍ଷ ମେଳାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ବାରିକେଡ୍ କରିବା, ଭିନ୍ନକ୍ଷମଙ୍କ ପାଇଁ ହ୍ୱିଲ୍‌ଚେୟାର ସହିତ ର୍‌ୟାମ୍ପ ବ୍ୟବସ୍ଥା, ସମସ୍ତଙ୍କୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ପ୍ରଥମଥର ପାଇଁ ଆସନ୍ତାକାଲି ୧୪ ତାରିଖ ଦିନ ଗଣପ୍ରସାଦ ସେବନ ବ୍ୟବସ୍ଥା, ବିନା ମୂଲ୍ୟରେ ଜୋତା ଷ୍ଟାଣ୍ଡ, ମେଳା ପରିସରକୁ ବୃଦ୍ଧି କରିବା ସହିତ ସ୍ୱଚ୍ଛତା ଉପରେ ଗୁରୁତ୍ୱ ପ୍ରଦାନ ଓ ସମଗ୍ର ଯାତ୍ରାକୁ ସିସି ଟିଭି ନଜରରେ ରଖାଯିବା ବ୍ୟବସ୍ଥା ସମ୍ପର୍କରେ ସାଧାରଣ ସମ୍ପାଦକ ଗିରିଜା ଶଙ୍କର ନାୟକ ଓ କୋଷାଧ୍ୟକ୍ଷ ଜୟନ୍ତ କୁମାର ଜେନା ସୂଚନା ଦେଇଛନ୍ତି। କୁଆଖିଆ ଓ ଧର୍ମଶାଳା ପୁଲିସ, ଅଗ୍ନିଶମ ବାହିନୀ, ମେଡିକାଲ ଟିମ୍ ଉପସ୍ଥିତ ରହିଛନ୍ତି। ଯାତ୍ରା କମିଟିର ସମସ୍ତ ସଦସ୍ୟଙ୍କ ସମେତ ନାରାୟଣୀ ସେନା, ଜୟ ବଜରଙ୍ଗୀ ସେନା, ଗାୟତ୍ରୀ କମିଟି, କଳଣ ସତ୍ୟସାଇ ସେବା ସମିତି ଭଳି ସ୍ୱେଚ୍ଛାସେବୀ ସଂଗଠନ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସହଯୋଗ କରୁଛନ୍ତି।

### ଜାରକା ବଜାର ରାସ୍ତାରେ ମାଳମାଳ ବାଉଁଶ ଗେଟ୍

## ହେଉଛି ରାସ୍ତା ଜାମ୍, ବଢ଼ୁଛି ଦୁର୍ଘଟଣା




ଧର୍ମଶାଳା, ୧୩।୪(ସମିସ)

ଜାରକା ବଜାରର ମୁଖ୍ୟ ରାସ୍ତା ଉପରେ ବିଭିନ୍ନ ସ୍ଥାନରେ ଏବେ ମାଳମାଳ ବାଉଁଶ ଗେଟ୍ ବାଟ ଓଗାଳୁଛି। ବିଶେଷକରି ଜାରକା ବଜାର, ଗୋପବନ୍ଧୁ ଛକ, ଶାନ୍ତି ବଜାର ଓ କଲେଜ ରୋଡ୍‌ରେ ଏଗୁଡ଼ିକ ବହୁ ସଂଖ୍ୟାରେ ଦେଖିବାକୁ ମିଳୁଛି। ବିଭିନ୍ନ କୋଚିଂ ସେଣ୍ଟରଠାରୁ ଆରମ୍ଭ କରି ସ୍କୁଲ କଲେଜ ନାମଲେଖା, ଶ୍ରଦ୍ଧାଞ୍ଜଳି, ଦୋକାନ ବଜାର ବିଜ୍ଞାପନ ଓ ଯଜ୍ଞ, ମେଳା ଆଦିର ବଡ଼ ବଡ଼ ବ୍ୟାନର ବା ହୋର୍ଡିଂ ଲାଗିଛି। ଯଦ୍ୱାରା ଚୌଡ଼ା ରାସ୍ତା ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି। ରାସ୍ତାରେ ଯାତାୟାତ କରୁଥିବା ବାଟୋଇଙ୍କୁ ଅପରପାର୍ଶ୍ୱ ରାସ୍ତା ଜଣାପଡୁ ନ ଥିବାରୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି।

ଏପରିକି ବର୍ଷା ପବନ ହେଲେ ବାଉଁଶଗୁଡ଼ିକ ଝୁଲି ରହୁଥିବାରୁ ଏହା ବିପଦଜନକ ସାଜିଛି। ଏପରିକି ଶ୍ରଦ୍ଧାଞ୍ଜଳି ହେଉ ବା ଯଜ୍ଞ ସରିବା ପରେ ମାସ ମାସ ଧରି ଗେଟ୍ ରହୁଛି। ତେବେ ଏହି ଅସ୍ଥାୟୀ ବାଉଁଶ ଗେଟ୍ ପାଇଁ ପୁଲିସ ପ୍ରଶାସନର କୌଣସି ବିଧିବଦ୍ଧ କଟକଣା ରହୁ ନ ଥିବାରୁ ଏହା ଦିନକୁ ଦିନ ବଢ଼ିଚାଲିଛି। ଅସ୍ଥାୟୀ ଗେଟ୍ ପାଇଁ ଟେଣ୍ଟ ସଂସ୍ଥାଗୁଡ଼ିକ ମନ ଇଚ୍ଛା ଯେଉଁଠି ନାହିଁ ସେଠାରେ ଗେଟ୍ କରି ବ୍ୟାନର ମାରୁଛନ୍ତି। ଅସ୍ଥାୟୀ ଗେଟ୍ ପାଇଁ ପୁଲିସ ଅନୁମତି ଆବଶ୍ୟକ ଥିବାବେଳେ ବାସ୍ତବ ପକ୍ଷେ ଏମାନଙ୍କୁ ଅନୁମତି ମିଳୁଛି ନା ମନଇଚ୍ଛା କରୁଛନ୍ତି, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଧର୍ମଶାଳା ପୁଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପଣା ସଂକ୍ରାନ୍ତିରେ ଖାନନଗର ପଞ୍ଚାୟତ ବିଜେଡି ପକ୍ଷରୁ ପଣା ବଣ୍ଟନ

ମଙ୍ଗଳପୁର, ୧୩।୪(ସମିସ)

ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତସ୍ଥ ଲାଲବାଗ ଛକରେ ଖାନନଗର ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ବାଟୋଇଙ୍କୁ ପଣା ବଣ୍ଟନ କରାଯାଇଥିଲା। ପ୍ରଚଣ୍ଡ ରୌଦ୍ରତାପକୁ ନଜରରେ ରଖି ଖାନନଗର ପଞ୍ଚାୟତ ପକ୍ଷରୁ ସମସ୍ତ ବାଟୋଇଙ୍କ ପାଇଁ ବେଲ ପଣା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବାଚସ୍ପତିଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ଉଦ୍‌ଘାଟନ କରିଥିବାବେଳେ କମାରଡିହି ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ଭାଗୀରଥି ସାହୁ, ଖାନନଗର ସରପଞ୍ଚ ଶୁଭଶ୍ରୀ ମଲ୍ଲିକ, ସମିତିସଭ୍ୟା ଜୋସ୍ନାରାଣୀ ଦାସ, କମାରଡିହ ସରପଞ୍ଚ ଚିତ୍ତରଞ୍ଜନ ନାୟକ, ଖାନନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ରଞ୍ଜିତ କୁମାର ସାହୁ ପ୍ରମୁଖଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଛାତ୍ର ବିଜେଡି କର୍ମକର୍ତ୍ତା ସହଯୋଗ କରିଥିଲେ।



## ରାମନବମୀ ଶୋଭାଯାତ୍ରା ପ୍ରସ୍ତୁତି ବୈଠକ



ବ୍ରହ୍ମବରଦା, ୧୩।୪(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ରାମନବମୀରେ ରାମଭକ୍ତଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତର ମଣିବାବା ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାମଭକ୍ତ ଧର୍ମେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶୋଭାଯାତ୍ରାଟି କିପରି ଅଧିକରୁ ଅଧିକ ଆକର୍ଷଣୀୟ କରିବା, ଅଧିକରୁ ଅଧିକ ଭକ୍ତଙ୍କ ସମାଗମ ଓ ଏହା କିପରି ଶାନ୍ତିଶୃଙ୍ଖଳା ସହିତ ଅୟୋଜିତ ହେବ, ସେ ନେଇ ଆଲୋଚନା କରାଯାଇଥିଲା। ଶୋଭାଯାତ୍ରା ଝାଲପଡ଼ା ପଞ୍ଚାୟତରୁ ଆରମ୍ଭ ହୋଇ ମଙ୍ଗରାଜପୁର, ମହେଶ୍ୱରପୁର, ବ୍ରହ୍ମବରଦା ପଞ୍ଚାୟତ ଅତିକ୍ରମ କରି ବନ୍ଧଡିଅ ପଞ୍ଚାୟତରର ହାଟସ୍ଥ ରାମମନ୍ଦିର ନିକଟରେ ଶେଷ ହେବା ନେଇ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ଅଶୋକ ଓଝା, ଶ୍ରୀଧର ପାଢ଼ୀ, ପ୍ରଶାନ୍ତ ବିଶ୍ୱାଳ, ଧନେଶ୍ୱର ବିଶ୍ୱାଳ, ବସନ୍ତ ପାଢ଼ୀ, ରତିକାନ୍ତ ବିଶ୍ୱାଳ, ସତ୍ୟସାଗର ରାଉତ, ରଶ୍ମୀରଞ୍ଜନ ମିଶ୍ର, ଅଭିଜିତ ଦାସ, ଗୌତମ ବୁଢ଼ା, ବିକାଶ ଦାସ, ପ୍ରଶାନ୍ତ ମୁଦୁଲି, ରଞ୍ଜିତ ବେହେରା, ମାନସ ରଞ୍ଜନ ପତି, ପ୍ରଭାତ ମଲ୍ଲିକ, ଅମିତ ନାୟକ ପ୍ରମୁଖ ରାମ ଭକ୍ତ ଯୋଗ ଦେଇଥିବାବେଳେ ଝାଲପଡ଼ା, ମଙ୍ଗରାଜପୁର, ମହେଶ୍ୱରପୁର, ବ୍ରହ୍ମବରଦା, ବନ୍ଧଡିଅ ପଞ୍ଚାୟତର ବହୁ ଭକ୍ତ ଉକ୍ତ ବୈଠକରେ ଉପସ୍ଥିତ ଥିଲେ।

# ଦ୍ୱାଦଶ କୁଆଁସ ମଙ୍ଗଳା ମହୋତ୍ସବ ଉଦ୍‌ଘାଟିତ





ମଙ୍ଗଳପୁର/ଦଶରଥପୁର, ୧୩।୪(ସମିସ)

ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ପାଇଁ ଉତ୍ସବମୁଖର ହୋଇଉଠିଛି ସାରା ରାଜ୍ୟ। ଏ ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତସ୍ଥ ମା' କୁଆଁସ ମଙ୍ଗଳା ପୀଠରେ ଦ୍ୱାଦଶତମ ବାର୍ଷିକ ମଙ୍ଗଳା ମହୋତ୍ସବ ଉଦଘାଟିତ ହୋଇଛି। ଇତ୍ୟବସରରେ ଆଜିର ମଙ୍ଗଳା ମହୋତ୍ସବକୁ ମଙ୍ଗଳା ମହୋତ୍ସବ କମିଟି ସଭାପତି ତଥା ଯାଜପୁରର ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମଙ୍ଗଳା ଉନ୍ନୟନ କମିଟି ସଭାପତି ଅଜୟ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଦଶରଥପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ୭ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, ୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଡାହାଣହତା ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ଡାହାଣହତା ପଞ୍ଚାୟତ ସମିତି ସଭ୍ୟା ସସ୍ମିତା ଜେନା, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ଦଶରଥପୁର ପଞ୍ଚାୟତ ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ଛଟିଣା ପଞ୍ଚାୟତ ସମିତିସଭ୍ୟ ସତ୍ୟପ୍ରସନ୍ନ ମହାପାତ୍ର, ଶିକ୍ଷାବିତ ହରେରାମ ପଣ୍ଡା, ସମାଜସେବୀ ନକୁଳ ଚରଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏ ପରିପ୍ରେକ୍ଷୀରେ ମଙ୍ଗଳା ମହୋତ୍ସବ କମିଟି ପକ୍ଷରୁ ପାଟୁଆଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିବାବେଳେ ପାଟୁଆଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଉପସ୍ଥିତ ଥିଲେ। ମଙ୍ଗଳା ମହୋତ୍ସବ କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ଥଣ୍ଡା ପାନୀୟଜଳ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବାବେଳେ ଦଶରଥପୁର ଥାନା ପୁଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା।

## ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ

ଦଶରଥପୁର, ୧୩।୪(ସମିସ)

ପବିତ୍ର ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଦଶରଥପୁର ବ୍ଲକ କାର୍ଯ୍ୟାଳୟ ନିକଟରେ ଜଳଛତ୍ର ତଥା ଶୁଦ୍ଧ ପାନୀୟଜଳ ବିତରଣ କେନ୍ଦ୍ରକୁ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଏହି ଜଳ ବିତରଣ କେନ୍ଦ୍ର ଚଳିତ ଓଡ଼ିଆ ନବବର୍ଷଠାରୁ ଆରମ୍ଭ ହୋଇ ଆସନ୍ତା ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ୪ନଂ. ଜିଲ୍ଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ଜିଲ୍ଲା ବିଜେଡି ଉପ-ସଭାପତି ମନୀଷ ସାହୁ, ଯୁବନେତା ତୁଷାରକାନ୍ତ ବେହେରା, ଦଶରଥପୁର ବ୍ଲକ ବିଜୁ ଜନତା ଦଳ ସଭାପତି ସଞ୍ଜୀବ କୁମାର ମହାନ୍ତି, ଯାଜପୁର ନିର୍ବାଚନ ମଣ୍ଡଳୀ ଦଶରଥପୁର ଶାଖା ଛାତ୍ର ବିଜେଡି ସଭାପତି ପ୍ରିୟବ୍ରତ ଦାସ, ଦଶରଥପୁର ସରପଞ୍ଚଙ୍କ ପ୍ରତିନିଧି ଧର୍ମରାଜ ଧୀର, ଦଶରଥପୁର ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ଧୀରେନ୍ଦ୍ର ମହାପାତ୍ରଙ୍କ ସମେତ ବ୍ଲକର ଶତାଧିକ ଯୁବ ଓ ଛାତ୍ର ନେତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



